## ଗାନ୍ଧିବାଦୀ

# ନୃସିଂହ ଗୁରୁ



ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର

ଓଡ଼ିଶା, ଭୁବନେଶ୍ୱର

ଗାନ୍ଧିବାଦୀ

# ନୃସିଂହ ଗୁରୁ

ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର, ଓଡ଼ିଶା
ଭୁବନେଶ୍ୱର

# ଗାନ୍ଧିବାଦୀ ନୃସିଂହ ଗୁରୁ


ଲେଖକ୍ : ଶ୍ରୀ ନୃସିଂହ ଚରଣ ସାହୁ
ପ୍ରଥମ ପ୍ରକାଶନ : ୧୯୯୮
ପୁନଃ ମୁଦ୍ରଣ : ୨୦୦୨
ପ୍ରକାଶକ : ନିର୍ଦ୍ଦେଶକ,
ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର, ଓଡ଼ିଶା,
ଭୁବନେଶ୍ୱର - ୭୫୧ ୦୦୧
ପ୍ରକାଶନ ସଂଖ୍ୟା : ଏସ୍. ଆର୍. ସି. - ୨୩୭ - ୩୮/୯୮
ମୁଦ୍ରଣ ସଂଖ୍ୟା : ୨,୦୦୦
ମୁଦ୍ରଣ : ମାଁ କାଳୀ ଷ୍ଟେସନାରୀ ୱାର୍କସ୍
ଲକ୍ଷ୍ମୀସାଗର, ରିଫ୍ୟୁଜୀ କଲୋନୀ,
କଟକ ରୋଡ୍, ଭୁବନେଶ୍ୱର -୬
ମୂଲ୍ୟ : ଟ ୫.୦୦ ମାତ୍ର


## GANDHIBADI NRUSINGHA GURU


Written by : Shri Nrusingha Charan Sahu
1st Edition : 1998
Re-Print : 2002
Published by : Director, SRC for A.E., Orissa,
Janasiksha Bhawan
Unit - 5, Bhubaneswar - 751 001
Publication No. - SRC - 237 - 38 / 98
Copies Printed - 2,000
Printed by - Maa Kali Stationery Works
Laxmisagar, Refugee Colony, Cuttack Road,
Bhubaneswar - 751 006
Price - Rs. 5.00 only


ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ଜୀବନୀ ଆଜିର ଯୁବ ସମାଜ ପାଇଁ ପ୍ରେରଣାର ଉତ୍ସ । ଛାତ୍ରଜୀବନରୁ ସେ ଭାରତର ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ୧୯୨୧ରୁ ଭାରତ ସ୍ୱାଧୀନତା ପାଇବା ପର୍ଯ୍ୟନ୍ତ ସ୍ୱାଧୀନତା ଆନ୍ଦୋଳନ ସହ ନିଜକୁ ସଂପୃକ୍ତ କରିଥିଲେ । ଗାନ୍ଧିଜୀଙ୍କ ଆଦର୍ଶରେ ସେ ଅନୁପ୍ରାଣିତ ହୋଇଥିଲେ । ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ବ୍ୟକ୍ତିଗତ ସତ୍ୟାଗ୍ରହ, ଭାରତ ଛାଡ଼ ଆନ୍ଦୋଳନ ପ୍ରଭୃତି ସବୁ ଆନ୍ଦୋଳନରେ ସେ ଭାଗ ନେଇଥିଲେ ।

ଆନ୍ଦୋଳନରେ ଭାଗ ନେଇ ଅନେକ ଲୋକ ଜେଲ ଯାଇଥିଲେ । ସେ ମଧ୍ୟ ଯାଇଥିଲେ । କିନ୍ତୁ ତାଙ୍କର ବଡ଼ ପଣିଆ ହେଉଛି ସେ ଅନେକଙ୍କୁ ଏ ବିଷୟରେ ଅନୁପ୍ରାଣିତ କରିଥିଲେ ।ସେ ଥିଲେ ସଂଗ୍ରାମୀଙ୍କର ନେତା । ଗାନ୍ଧିଜୀଙ୍କ ପଛାରେ ସେ ସ୍ୱଦେଶୀ ପ୍ରସାର, ବିଦେଶୀ ଜିନିଷ ବର୍ଜନ, ନିଶା ନିବାରଣ, ଛୁଆଁ-ଅଛୁଆଁ ଭେଦଭାବ ଦୂରୀକରଣ, ହରିଜନମାନଙ୍କ କଲ୍ୟାଣ ସାଧନ, ସୂତାକଟା ଓ ଖଦି ଲୁଗା ପ୍ରସାର ଭଳି ରଚନାତ୍ମକ କାର୍ଯ୍ୟରେ ଆଗୁଆ ଥିଲେ । ଏସବୁ କାମ କରିଆରେ ସେ ସାଧାରଣ ଲୋକଙ୍କ ଭିତରେ ଜାତୀୟ ଚେତନା ଓ ସ୍ୱଦେଶ ପ୍ରେମର ବିକାଶ କରିଥିଲେ ।

ସମ୍ବଲପୁରର ବରପୁତ୍ର ସ୍ୱଦେଶପ୍ରେମୀ ଚନ୍ଦ୍ରଶେଖର ବେହେରା ଦେଶ ପାଇଁ ଜୀବନ ପଣ କରିଥିଲେ । ନୃସିଂହ ଗୁରୁ ଏହି ନେତାଙ୍କ ସ୍ନେହ ଶ୍ରଦ୍ଧା ଲାଭ କରିଥିଲେ । ତାଙ୍କରି ପ୍ରେରଣାରେ ରୋଗିଣା ଝିଅକୁ ମରଣ ମୁହଁରେ ଛାଡ଼ି ଦେଇ ହସି ହସି ସେ ବାରମ୍ବାର କାରାବରଣ କରିଥିଲେ ।

ସ୍ୱାଧୀନତା ଲାଭ ପରେ ମଧ ତାଙ୍କର ସଂଗ୍ରାମ ସରି ନଥିଲା । ସେ ଜନସାଧାରଣଙ୍କ ସେବାକୁ ଜୀବନର ବ୍ରତ ଭାବି ସାମ୍ବାଦିକତା ବୃତ୍ତି ଗ୍ରହଣ କରିଥିଲେ । ଦୀର୍ଘ ୫୧ ବର୍ଷକାଳ ସାମ୍ବାଦିକତା କରି ଅବହେଳିତ ଜନସାଧାରଣଙ୍କ ଦୁଃଖ ଦୁର୍ଦ୍ଦଶାକୁ ନିର୍ଭୀକ ଭାବରେ ପ୍ରକାଶ କରିଥିଲେ । ବୀପ୍ଳବୀ ଚନ୍ଦ୍ରଶେଖର ବେହେରା ତାଙ୍କୁ ଶ୍ରଦ୍ଧାରେ ଡାକୁଥିଲେ ଗୁରୁଜୀ । ପ୍ରକୃତରେ ସେ ବହୁ ସ୍ୱାଧୀନତା ସଂଗ୍ରାମୀ ଓ ସାମ୍ବାଦିକଙ୍କର 'ଗୁରୁ' ଥିଲେ । ତାଙ୍କ ଭଳି ନିରଳସ, ସ୍ୱଦେଶପ୍ରେମୀ, ତ୍ୟାଗୀ, ଜନସେବୀ ଓ ଉଚ୍ଚମନା ବ୍ୟକ୍ତି ଆଜିକାଲି ଖୁବ୍ ବିରଳ ।

**ସମ୍ବଲପୁର**

ଓଡ଼ିଶାର ଭାଷା, ସାହିତ୍ୟ ଓ ସଂସ୍କୃତିକୁ ସମ୍ବଲପୁରର ଅବଦାନ କମ୍ ନୁହେଁ । ପଶ୍ଚିମ ଓଡ଼ିଶାର ଏହି ଅଞ୍ଚଳ ଆଗେ କୋଶଳ ରାଜ୍ୟ ନାମରେ ପରିଚିତ ଥିଲା । ଅଶୋକଙ୍କ ସହ ଯୁଦ୍ଧରେ ହାରି ଯାଇ କଳିଙ୍ଗର ରାଜା ମହାମେଘବାହନ କୋଶଳ ରାଜ୍ୟରେ ଆଶ୍ରୟ ନେଇଥିଲେ । ସେତେବେଳେ କୋଶଳ ବଣ-ଜଙ୍ଗଲ, ପାହାଡ଼-ପର୍ବତରେ ଭରପୁର ଥିଲା । କଳିଙ୍ଗ ଯୁଦ୍ଧରେ ରକ୍ତର ନଦୀ ବହିଗଲା ।



ସେ ଦୃଶ୍ୟ ଦେଖି ଅଶୋକଙ୍କ ହୃଦୟରେ ପରିବର୍ତ୍ତନ ଆସିଲା । ସେ ଆଉ କୋଶଳ ବିରୁଦ୍ଧରେ ଯୁଦ୍ଧ କରିବାକୁ ମନ ବଳାଇଲେ ନାହିଁ । ସେ କୋଶଳବାସୀଙ୍କୁ ଅପରାଜିତ ବନବାସୀ କହି ଫେରିଗଲେ ।

ଦେଢ଼ ହଜାର ବର୍ଷ ବିତିଗଲା । ଦକ୍ଷିଣ କୋଶଳର ରାଜା ଯଯାତି ଉତ୍କଳର ରାଜଧାନୀ ଦଖଲ କଲେ । ଉଭୟ ରାଜ୍ୟ ମିଶି ଖୁବ୍ ବଡ଼ରାଜ୍ୟ ହୋଇଗଲା । ଯଯାତି ପୁରୀର ବହୁତ ଉନ୍ନତି କରିଥିଲେ । ସେଠାରେ ଜଗନ୍ନାଥ ମନ୍ଦିର ସଂସ୍କାର କରିଥିଲେ । ଲିଙ୍ଗରାଜ ମନ୍ଦିର ତିଆରି ଆରମ୍ଭ କରିଥିଲେ । ବହୁ ଯାଗ ଯଜ୍ଞ କରି କୋଶଳ ଓ ଉତ୍କଳ ସଭ୍ୟତାକୁ ଏକାଠି କରି ଉଭୟ ରାଜ୍ୟର ଲୋକଙ୍କ ମଧ୍ୟରେ ବନ୍ଧୁତାର ବାଟ ଫିଟାଇ ଥିଲେ ।

୧୭୮୧ ମସିହାରେ ପଶ୍ଚିମ ଓଡ଼ିଶାର ଅଧିକାଂଶ ଅଞ୍ଚଳ ମରାଠାମାନେ ଦଖଲ କଲେ। ସେମାନେ ମାତ୍ର ୩୫ ବର୍ଷ ଶାସନ କଲେ । ଏହାପରେ ଇଂରେଜମାନେ ଏସବୁ ଅଞ୍ଚଳ ଉପରେ ଅଧିକାର ବିସ୍ତାର କଲେ ।

୧୮୪୯ ମସିହାରେ ଇଂରେଜମାନେ ସମ୍ବଲପୁର ଶାସନ ହାତକୁ ନେଲେ । ଏହି ସମୟରେ ବୀର ସୁରେନ୍ଦ୍ରସାଏ ସମ୍ବଲପୁର ରାଜସିଂହାସନରେ ନିଜର ଅଧିକାର ଦାବି କଲେ । ସେ ଓ ତାଙ୍କ ଭାଇ ଇଂରେଜମାନଙ୍କ ବିରୁଦ୍ଧରେ ଲୁଚି ଛପି ଯୁଦ୍ଧ ଚଳାଇଲେ । ଭାରତରେ ପ୍ରଥମ ସ୍ୱାଧୀନତା ଯୁଦ୍ଧ ୧୮୫୭ ମସିହାରେ ଆରମ୍ଭ ହେଲା । ୧୮୫୮ ମସିହା ବେଳକୁ ଯୁଦ୍ଧର ନିଆଁ ଚାରିଆଡ଼େ ଲିଭିଗଲା । କିନ୍ତୁ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ଯୋଗୁଁ ସମ୍ବଲପୁରରେ ଏହି ନିଆଁ

ଆହୁରି ସାତବର୍ଷ ଯାଏ ଜଳିଲା । ୧୮୬୪ ମସିହାରେ ସୁରେନ୍ଦ୍ର ସାଏ ବନ୍ଦୀ ହୋଇ ଅମର ଗଡ଼ ଦୁର୍ଗକୁ ଯିବାପରେ ଏହି ନିଆଁ ଲିଭିଗଲା । ଇଂରେଜମାନେ ନିଶ୍ୱାସ ମାରିଲେ ।

**ଭାଷା ଆନ୍ଦୋଳନ**

ଇଂରେଜମାନେ ଦେଖିଲେ ସମ୍ବଲପୁର ମାଟି ବୀର-ପ୍ରସବିନୀ । ସେମାନଙ୍କୁ ସହଜରେ ଦବେଇ ହେବ ନାହିଁ । ତେଣୁ ୧୮୬୨ ମସିହାରେ ସେମାନେ ସମ୍ବଲପୁରକୁ ମଧ୍ୟପ୍ରଦେଶ ସହିତ ମିଶାଇଦେଲେ । ୧୮୯୫ ମସିହାରେ ଆଇନ କରିଦେଲେ ଯେ, ସମ୍ବଲପୁରରେ ହିନ୍ଦୀ ଭାଷା ହେବ ସରକାରୀ ଭାଷା । ଓଡ଼ିଆ ଭାଷାରେ ଅଫିସ କାମ ହେବ ନାହିଁ । ସରକାରୀ କାମରେ ନିଯୁକ୍ତ ଓଡ଼ିଆ କର୍ମଚାରୀଙ୍କୁ ବିଦା କରିଦିଆଗଲା । ସେ ସ୍ଥାନରେ ହିନ୍ଦୀଭାଷୀ କର୍ମଚାରୀ ନିଯୁକ୍ତ ହେଲେ । ସମ୍ବଲପୁର ବାସୀ ଭାବିଲେ ଏହା ଦ୍ୱାରା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ବିପଦ ଦେଖାଦେବ । ଓଡ଼ିଆ ଜାତି ପ୍ରତି ମଧ୍ୟ ଏହା ଥିଲା ଏକ ଅପମାନ ।

ଏହାର ପ୍ରତିବାଦରେ ଭାଷା ଆନ୍ଦୋଳନ ମୁଣ୍ଡ ଟେକିଲା । ସମ୍ବଲପୁରର ନେତା ଚନ୍ଦ୍ରଶେଖର ବେହେରା, ଧରଣୀଧର ମିଶ୍ର, ମଦନ ମୋହନ ମିଶ୍ର ଓ ଶ୍ରୀପତି ମିଶ୍ର ଏହି ଆନ୍ଦୋଳନର ନେତୃତ୍ୱ ନେଲେ । ଉତ୍କଳ ଗୌରବ ମଧୁସୂଦନ ମଧ୍ୟ ବିଲାତ ପାର୍ଲାମେଣ୍ଟରେ ଇଂରେଜମାନଙ୍କ ଅନ୍ୟାୟ ଆଇନ ପ୍ରସଙ୍ଗ ଉଠାଇଲେ ।

ସ୍ଥାନୀୟ ଇଂରେଜ କର୍ମକର୍ତ୍ତାମାନେ ସମ୍ବଲପୁରବାସୀଙ୍କ ଦାବି



ଶୁଣିଲେ ନାହିଁ । ତେଣୁ ପାଞ୍ଚଜଣ ନେତା ଭାରତର ବଡ଼ଲାଟଙ୍କୁ ଦେଖା କରି ଆପତ୍ତି ଜଣାଇବାକୁ ବାହାରିଲେ । ସେମାନେ ଜାଣିଲେ ଯେ ଭାରତର ବଡ଼ଲାଟ ଲର୍ଡ଼ କର୍ଜନ ସିମ୍‌ଲାରେ ଗ୍ରୀଷ୍ମଦିନ କଟାଉଛନ୍ତି । ପାଞ୍ଚଜଣିଆ ପ୍ରତିନିଧି ଦଳ ୧୯୦୧ ମସିହା ଅଗଷ୍ଟ ମାସରେ ସିମ୍‌ଲା ଗଲେ । ସେଠାରେ କିନ୍ତୁ ବଡ଼ଲାଟଙ୍କ ସହ ସାକ୍ଷାତ ହେଲା ନାହିଁ । ତଥାପି ସେମାନେ ଦାବି ପତ୍ର ଦେଇ ଆସିଲେ ।



ବଡ଼ଲାଟ ମଧ୍ୟପ୍ରଦେଶର ଚିଫ୍ କମିଶନରଙ୍କୁ ସମ୍ବଲପୁର ପଠାଇଲେ । ଚିଫ୍ କମିଶନର ଫ୍ରେଜର ସାହେବ ସମ୍ବଲପୁର ଆସି ଲୋକଙ୍କ ଠାରୁ ଆପତ୍ତି ଅଭିଯୋଗ ଶୁଣିଲେ । ଏହା ଅନ୍ୟାୟ ହୋଇଛି ବୋଲି ସେ ଅନୁଭବ କଲେ । ଭାରତର ବଡ଼ଲାଟଙ୍କୁ ଜଣାଇଲେ । ୧୯୦୨ ମସିହା ଜୁନମାସ ୧୮ ତାରିଖରେ ହିନ୍ଦୀ ଭାଷା ଉଠାଇ ଦେବାକୁ ସରକାରୀ ଘୋଷଣା ପ୍ରକାଶ ପାଇଲା । ପୁଣିଓଡ଼ିଆ ଭାଷା ସରକାରୀ ଭାଷା ହେଲା । ଏହା ସମ୍ବଲପୁର ଅଧିବାସୀଙ୍କର ଏକ ବିରାଟ ବିଜୟ ।

**ଜନ୍ମ**

ଠିକ୍ ଏହିବର୍ଷ, ୧୯୦୨ ମସିହା ଫଗୁଣ ପୂର୍ଣ୍ଣମୀ ତିଥିରେ ଜନ୍ମହେଲେ ନୃସିଂହ ଗୁରୁ । ତାଙ୍କର ଜେଜେବାପା ତାଙ୍କ ଗାଁଟି ବସେଇ ଥିଲେ । ତେଣୁ ଗାଁଟିର ନାମ ଥିଲା ଗୁରୁପାଲୀ । ତାଙ୍କର ମା' ଯେତେବେଳେ ଗର୍ଭବତୀ, ଜେଜେମା'ଯାଇଥିଲେ ସମ୍ବଲପୁରର ପ୍ରସିଦ୍ଧ ତୀର୍ଥପୀଠ ନୃସିଂହ ନାଥ । ପାଇକମାଳରେ ଗନ୍ଧମାର୍ଦ୍ଦନ ପର୍ବତ କୋଳରେ ନୃସିଂହ ନାଥଙ୍କ ମନ୍ଦିର । ନୃସିଂହନାଥ ସେ ଅଞ୍ଚଳର ପ୍ରତ୍ୟକ୍ଷ ଦେବତା । ଜେଜେମା ସେଇଠି ଠାକୁରଙ୍କୁ ମନାସିଥିଲେ, ପୁଅଟିଏ ଦେଲେ ତା' ନାଁ ରଖିବେ ନୃସିଂହ । ସତକୁସତ ତାଙ୍କ ମା' ଲକ୍ଷ୍ମୀଦେବୀଙ୍କର ପୁଅଟିଏ ହେଲା । ବାପା ଗଣେଶରାମଙ୍କର ଆନନ୍ଦ ଦେଖେ କିଏ ! ଜେଜେମା ଠାକୁରଙ୍କ ନାଁ ଅନୁସାରେ ପୁଅର ନାଁ ରଖିଲେ ନୃସିଂହ ।



ସେ ଥିଲେ ଘରର ପହିଲି ପୁଅ । ସ୍ନେହ, ଶ୍ରଦ୍ଧା ଓ ଯତ୍ନର କିଛି ଅଭାବ ନଥିଲା । ସେତେବେଳକୁ ବିଂଶ ଶତାବ୍ଦୀ ଆରମ୍ଭ । ଓଡ଼ିଶାର ଗାଁ ଗହଳିରେ ଦାରିଦ୍ର୍ୟ ବସାବାନ୍ଧି ରହିଥିଲା । ଆଖପାଖରେ ବିଦ୍ୟାଳୟ ନଥିଲା । ନୃସିଂହ ଗାଁ ଚାଟଶାଳୀରେ ପାଠ ଆରମ୍ଭ କଲେ । ସତେ ଯେପରି ସରସ୍ୱତୀଙ୍କର ବରପୁତ୍ର ! ଅତି ଅଳ୍ପ ଦିନ ଭିତରେ ଚାଟଶାଳୀ ଅବଧାନଙ୍କ ପାଠ ସବୁ ଆୟତ୍ତ କରି ପକାଇଲେ । ବାପା ନେଇଗଲେ ଶାସନ ଗାଁ ପ୍ରାଥମିକ ବିଦ୍ୟାଳୟକୁ । ପ୍ରଧାନଶିକ୍ଷକ ସାଗର ପାଢ଼ୀ । ନୃସିଂହ କଅଣ ପଢ଼ିଛି ବୋଲି ସେ ପଚରା ପଚରି କଲେ । ତାଙ୍କ ଉତ୍ତରରେ ସେ ଏତେ ସନ୍ତୁଷ୍ଟ ହୋଇଗଲେ ଯେ, ଦିଓଟି ତମ୍ବାପଇସା ସ୍ନେହରେ ପୁରସ୍କାର ଦେଲେ । ବିଦ୍ୟାଳୟରେ ନାମ ଲେଖାଇଦେଲେ ।

ଗୁରୁପାଲୀରୁ ଶାସନ ଗାଁ ଦୁଇକିଲୋମିଟର ରାସ୍ତା । ଛୋଟପିଲାଟିଏ । ଏତେ ବାଟ ଯାଇ ପାଠ ପଢ଼ିବା କଷ୍ଟ । ପ୍ରତିଦିନ କିଏ ବା ନେବ ଛାଡ଼ିବାକୁ ? ଶେଷରେ ସ୍ଥିର ହେଲା, ସେ ଅଜାଘରେ ରହି ପାଠ ପଢ଼ିବେ । ଅଜା ଘର ଅତାବିରାର ସରଣ୍ଡା ଗାଁ । ଅଜା ମଧ୍ୟ ଗାଁର ପ୍ରାଥମିକ ବିଦ୍ୟାଳୟ ନିଜେ ବସେଇ ଥାଆନ୍ତି । ସେଇଠି ସେ ପ୍ରଧାନ ଶିକ୍ଷକ । ତେଣୁ ନୃସିଂହଙ୍କ ପ୍ରାଥମିକ ଶିକ୍ଷା ଅଜାଙ୍କ ପାଖରେ ଶେଷ ହେଲା । ସହଜରେ ସେ ପାଠସବୁ ମନେ ରଖି ଦେଇଥିଲେ । ବର୍ଷକରେ ସେ ଦୁଇଟି ଶ୍ରେଣୀ ପାସ୍ କରି ପକାଇଥିଲେ ।

ଚତୁର୍ଥ ଶ୍ରେଣୀ ପରେ ପ୍ରାଥମିକ ବୃତ୍ତି ପରୀକ୍ଷା । ନୃସିଂହ ପ୍ରାଥମିକ ବୃତ୍ତି ଲାଭକଲେ । ସମ୍ବଲପୁର ମଧ୍ୟ-ଇଂରାଜୀ ବିଦ୍ୟାଳୟରେ ନାମ ଲେଖାଇଲେ । ସେଠାରେ ଶେଷ ବର୍ଷ ବୃତ୍ତି ପରୀକ୍ଷା । ନୃସିଂହ ଘରେ

ରହି ବୃତ୍ତି ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥାଆନ୍ତି । ଘରର ଚଳାଚଳ ମାନ୍ଦା ପଡ଼ିଯାଇଥାଏ । ଶିକ୍ଷକମାନେ ଏହା ଲକ୍ଷ୍ୟ କଲେ । ସେମାନେ ତାଙ୍କୁ ଖୁବ୍ ଭଲ ପାଉଥିଲେ । ଛାତ୍ରାବାସରେ ତାଙ୍କ ପାଇଁ ମାଗଣା ଖାଇବା ବ୍ୟବସ୍ଥା କରି ଦେଇ ସେଠାରେ ତାଙ୍କୁ ରଖାଇଲେ । ତାଙ୍କର ପଢ଼ାପଢ଼ିର ଅଧିକ ଯତ୍ନ ନେଲେ । ନୃସିଂହ ମଧ ମନଦେଇ ପଢ଼ିଲେ । ମଧ-ଇଂରାଜୀ ବୃତ୍ତି ଲାଭ କଲେ ।

ଏହା ଫଳରେ ଉଚ୍ଚଶିକ୍ଷା ନିମନ୍ତେ ବାଟଫିଟିଗଲା । ଘରେ ସମସ୍ତଙ୍କ ମନରେ ଆଶା ଓ ଆନନ୍ଦ । ନୃସିଂହ ଭଲ ପଢୁଛି । ବେଶି ପଢ଼ିବ, ଡିପୋଟି ହେବ ।

ହାଇସ୍କୁଲ ପାଠପଢ଼ିବା ପାଇଁ ସମ୍ବଲପୁର ଜିଲ୍ଲା ସ୍କୁଲରେ ସେ ନାମ ଲେଖାଇଲେ । ଛାତ୍ରାବାସରେ ରହିଲେ । ଛାତ୍ରାବାସର ପରିଚାଳନା ଦାୟିତ୍ୱରେ ଥାଆନ୍ତି କୃଷ୍ଣ ଚନ୍ଦ୍ର ସେନ । ସେ ଜଣେ ଆଦର୍ଶ ଶିକ୍ଷକ । ନୃସିଂହଙ୍କ ଆଚାର ବ୍ୟବହାର ତାଙ୍କୁ ଖୁବ୍ ଭଲ ଲାଗିଲା । ସେ ତାଙ୍କୁ ପୁଅଭଳି ଦେଖିଲେ । ତାଙ୍କ ପାଠପଢ଼ାର ବିଶେଷ ଯତ୍ନନେଲେ । ତାଙ୍କ ପ୍ରେରଣାରେ ନୃସିଂହ ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତାରେ ଭାଗନେଲେ । ଭଲମଣିଷ ହେବାକୁ ଅନେକ ନୀତିଶିକ୍ଷା ଲାଭ କଲେ । ଭଲ ପଢୁଥିବାରୁ ଓ ସମସ୍ତଙ୍କ ପ୍ରତି ଭଲ ବ୍ୟବହାର ନିମନ୍ତେ ନୃସିଂହ ପ୍ରତିବର୍ଷ ପୁରସ୍କାର ପାଉଥିଲେ ।

୧୯୨୦ ମସିହା । ଦଶମ ଶ୍ରେଣୀରୁ ଏକାଦଶ ଶ୍ରେଣୀକୁ ପାଶ୍ କଲେ ନୃସିଂହ । ଏବର୍ଷର ପାଠପଢ଼ା ସରିଲେ ହାଇସ୍କୁଲ ପାଠସରିବ । ସେତେବେଳେ ହାଇସ୍କୁଲ ପାଠସରିଲେ ସାଧାରଣ ଲୋକଙ୍କ ପାଠପଢ଼ା



ସରୁଥିଲା । ସେତିକି ପାଠ ପଢ଼ିଦେଲେ ଚାକିରିର ଅଭାବ ନଥିଲା । ଜଣେ ଲୋକ ସେତିକି ପାଠରେ ଖୁବ୍ ଉଚ୍ଚ ଶିକ୍ଷିତ ଲୋକଙ୍କ ମଧ୍ୟରେ ଗଣା ହେଉଥିଲେ । ହାଇସ୍କୁଲ ପରୀକ୍ଷାରେ ପାସ୍ କରିଗଲେ ସେକଥା ଖବରକାଗଜରେ ବାହାରୁ ଥିଲା । ସାରା ଓଡ଼ିଶାରୁ ହାତ ଗଣନ୍ତାରେ କେତେଜଣ ହାଇସ୍କୁଲ ପରୀକ୍ଷାରେ ପାସ୍ କରୁଥିଲେ । ଘରଲୋକେ, ବନ୍ଧୁବାନ୍ଧବ ସମସ୍ତେ ଆଶାକରି ଚାହିଁଥାନ୍ତି-ବର୍ଷଟା କିପରି ସରିବ ? ନୃସିଂହ ହାଇସ୍କୁଲ ପାଶ୍ କରି ଭଲ ଚାକିରି କରିବ । ଘରର ଆର୍ଥିକ ଦୁର୍ଦ୍ଦଶା ସୁଧୁରିଯିବ ।

**ଅସହଯୋଗ ଆନ୍ଦୋଳନ**

କିନ୍ତୁ ବିଧିର ବିଧାନ ବିଚିତ୍ର । ୧୯୨୧ ମସିହା ଜାନୁଆରୀ ମାସ । ମହାତ୍ମାଗାନ୍ଧି ଡାକରା ଦେଲେ ‘‘ଇଂରେଜ ସରକାର- ସଇତାନ ସରକାର । ଏମାନେ ଶାସନ ବଦଳରେ ଆମକୁ ଶୋଷଣ କରୁଛନ୍ତି । ପ୍ରଜାପାଳନ ନକରି ପ୍ରଜାଙ୍କ ରକ୍ତରେ ହୋରି ଖେଳୁଛନ୍ତି । ପଂଜାବର ଜାଲିଓ୍ୱାନା ଓ୍ୱାଲା ବାଗରେ ନିରୀହ ଲୋକଙ୍କ ଉପରକୁ ଇଂରେଜ ସୈନ୍ୟ ଗୁଳି ଚଳାଇଲେ । ଶହ ଶହ ଲୋକ ପ୍ରାଣବଳି ଦେଲେ । ହଜାର ହଜାର ଲୋକ ଆହତ ହେଲେ । ମଣିଷ ରକ୍ତର ନଈ ବହିଗଲା । କୌଣସି ସଭ୍ୟ ସରକାର ଏପରି ବର୍ବର କାମ କରି ନପାରେ । ଆମେ ଏମାନଙ୍କୁ ଭାରତ ଭୂମିରୁ ହଟେଇ ଦେବା । ଏମାନଙ୍କ ସହ ଆଉ ସହଯୋଗ କରିବା ନାହିଁ । ଇଂରେଜଙ୍କ କୋର୍ଟ କଚେରୀକୁ ଆମର ଓକିଲମାନେ ଯିବେ ନାହିଁ । ଇଂରେଜଙ୍କ ସ୍କୁଲ କଲେଜରେ

ଆମ ଛାତ୍ରମାନେ ପଢ଼ିବେ ନାହିଁ । ଆଗେ ଦେଶର ସ୍ୱାଧୀନତା, ପଛେ ନିଜ ନିଜର ଉନ୍ନତି ଚିନ୍ତା ।''

ଭାରତର ଚାରିଆଡ଼େ ଗାନ୍ଧିଜୀଙ୍କ ଆହ୍ୱାନ ଶୁଭିଗଲା । ଅସହଯୋଗ ଆନ୍ଦୋଳନ ବ୍ୟାପିଗଲା । ବଡ଼ ବଡ଼ ଓକିଲମାନେ କଚେରିକୁ ଯିବା ବନ୍ଦ କରିଦେଲେ । ଛାତ୍ରମାନଙ୍କ ଭିତରେ ଜାଗରଣ ଖେଳିଗଲା । ବିଭିନ୍ନ ସ୍ଥାନରେ ସଭା ସମିତି ହେଲା । ଇଂରେଜମାନଙ୍କ ଅତ୍ୟାଚାର ଓ ଶୋଷଣର କାହାଣୀ ନେତାମାନେ ଲୋକଙ୍କ କାନରେ ପକାଇଲେ । କଡ଼ାଭାଷାରେ ତା'ର ନିନ୍ଦା କଲେ । ସେତେବେଳେ ଓଡ଼ିଶାରେ ନେତା ଥାଆନ୍ତି ଉତ୍କଳମଣି ଗୋପବନ୍ଧୁ । ୧୯୨୦ ମସିହା ସେପ୍ଟେମ୍ବର ମାସରେ କଲିକତାରେ କଂଗ୍ରେସର ବିଶେଷ ଅଧିବେଶନ ବସିଥିଲା । ଗୋପବନ୍ଧୁ ଓ ଭାଗୀରଥି ମହାପାତ୍ର ଓଡ଼ିଶାରୁ ସେହି ଅଧିବେଶନରେ ପ୍ରତିନିଧିଭାବେ ଯୋଗ ଦେଇଥିଲେ । ହରେକୃଷ୍ଣ ମହତାବ ଦର୍ଶକଭାବେ ଯାଇଥିଲେ । ଗାନ୍ଧିଜୀଙ୍କର ଅସହଯୋଗ ଆନ୍ଦୋଳନ ପ୍ରସ୍ତାବକୁ ସେଠାରେ କଂଗ୍ରେସ ଗ୍ରହଣ କଲା ।

ଗୋପବନ୍ଧୁ, ଭାଗୀରଥି ମହାପାତ୍ର ଓ ମହତାବ ଓଡ଼ିଶାକୁ ଫେରିଆସି ଗାନ୍ଧିଜୀ ଓ କଂଗ୍ରେସର ପ୍ରସ୍ତାବ ବିଷୟ ଆଲୋଚନା କଲେ । ତାଙ୍କରି ନେତୃତ୍ୱରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା । ଚାରିଆଡ଼େ ଉତ୍ସାହ ଓ ଉନ୍ମାଦନା ଖେଳିଗଲା । ହରେକୃଷ୍ଣ ମହତାବ ଓ ନବକୃଷ୍ଣ ଚୌଧୁରୀ ପ୍ରମୁଖ ଛାତ୍ରମାନେ ରେଭେନ୍ସା କଲେଜ ଛାଡ଼ି ଚାଲି ଆସିଲେ । ଆନ୍ଦୋଳନରେ ଯୋଗଦେଲେ ।

ଓଡ଼ିଶାର ନେତାମାନେ ବସି ସ୍ଥିର କଲେ, କେଉଁ ଅଞ୍ଚଳରେ



କେଉଁ ନେତା ଆନ୍ଦୋଳନକୁ ଆଗେଇ ନେବାକୁ ଦାୟିତ୍ୱ ନେବେ । ଓଡ଼ିଶା ପାଇଁ ପ୍ରାଦେଶିକ କଂଗ୍ରେସ କମିଟି ଗଢ଼ାଗଲା । ଗୋପବନ୍ଧୁ ହେଲେ ସଭାପତି ଓ ଭାଗୀରଥି ମହାପାତ୍ର ସଂପାଦକ । ଅନ୍ୟ ନେତାମାନେ ଜିଲ୍ଲାସମିତି ଗୁଡ଼ିକର ଏହିପରି ଦାୟିତ୍ୱ ନେଲେ ।

ହରେକୃଷ୍ଣ ମହତାବ - ବାଲେଶ୍ୱର ଜିଲା

ଯଦୁମଣି ମଙ୍ଗରାଜ - କଟକ ଜିଲ୍ଲାର ଯାଜପୁର ସବ୍‌ଡିଭିଜନ

ଭାଗୀରଥି ମହାପାତ୍ର - କଟକ ସଦର ସବ୍‌ଡିଭିଜନ (ଜଗତସିଂହପୁରରେ ସଦର ମହକୁମା)

ଜଗବନ୍ଧୁ ସିଂହ ଓ

କୃପାସିନ୍ଧୁ ମିଶ୍ର - ପୁରୀ ଜିଲ୍ଲା

ନୀଳକଣ୍ଠ ଦାସ - ସମ୍ବଲପୁର ଜିଲ୍ଲା

ନିରଞ୍ଜନ ପଟ୍ଟନାୟକ - ଗଞ୍ଜାମ ଜିଲ୍ଲା

**ସମ୍ବଲପୁରରେ ଜାତୀୟ ଆନ୍ଦୋଳନ**

ନୀଳକଣ୍ଠ ଦାସ ସମ୍ବଲପୁର ଗଲେ । ସେ ସେସମୟରେ ଏମ୍.ଏ. ପଢୁଆ ଯୁବକ । କଲିକତାର ଗୋଟିଏ ବଡ଼ କଲେଜରେ ଅଧ୍ୟାପକ ଚାକିରି, ମୋଟା ଦରମା, ସବୁ ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ସେ ଝାସ ଦେଇଥାନ୍ତି । ସମ୍ବଲପୁରରେ ଯେଉଁଠି ଫ୍ରେଞ୍ଚର କ୍ଲବ ଥିଲା, ସେଠାରେ ସ୍ୱଦେଶପ୍ରେମୀ ଚନ୍ଦ୍ରଶେଖର ବେହେରାଙ୍କ ସହଯୋଗରେ ନୀଳକଣ୍ଠ ଜାତୀୟ ବିଦ୍ୟାଳୟ ଖୋଲିଲେ । ସେ ହେଲେ ପ୍ରଧାନ ଶିକ୍ଷକ । ବହୁ

ବିଶିଷ୍ଟ ବ୍ୟକ୍ତି ଏହି ଜାତୀୟ ବିଦ୍ୟାଳୟରେ ଶିକ୍ଷକତା କଲେ । ପାଠ ପଢ଼ା ସହିତ ଧନ୍ଦା ମୂଳକ ଶିକ୍ଷା ଦିଆଯାଉଥାଏ । ସୂତାକଟା, ଲୁଗାବୁଣା, ବଢ଼େଇକାମ ପ୍ରତି ମଧ୍ୟ ସମାନ ଗୁରୁତ୍ୱ ଦିଆଯାଉଥାଏ । ପିଲାମାନେ ସୂତାକାଟି ଲୁଗା ବୁଣିଲେ । ରବିବାର ଓ ଛୁଟିଦିନରେ ସହରର ସଡ଼କ ଉପରେ ବସି ଖଦି ଲୁଗା ବିକିଲେ । ନୀଳକଣ୍ଠ ଓ ତାଙ୍କର ସହକର୍ମୀ ଶିକ୍ଷକମାନେ ଛାତ୍ର ତଥା ସାଧାରଣ ଲୋକଙ୍କ ମନରେ ଜାତୀୟ ଚେତନାର ମନ୍ତ୍ର ଫୁଙ୍କିଲେ ।

ସେତେବେଳକୁ ନୃସିଂହଙ୍କର କିଶୋର ଅବସ୍ଥା । ବୟସ ୧୮ ବର୍ଷ । ସୁକୋମଳ ଚଞ୍ଚଳମନ । ଗୋଟିଏ ପଟେ ଘରର ଆର୍ଥିକ ଦୁର୍ଦ୍ଦଶା । ଅନ୍ୟ ପଟରେ ପରାଧୀନା ଭାରତମାତାର ମଳିନ ମୁହଁ । ସେ ଆଉ ଥୟ ଧରି ରହି ପାରିଲେ ନାହିଁ । ସହପାଠୀମାନଙ୍କ ସହ ଆନ୍ଦୋଳନ ବିଷୟରେ ଆଲୋଚନା କଲେ । କେତେକ କହିଲେ, ଏବର୍ଷଟା ପାଠପଢ଼ା ସରିଯାଉ । ହାଇସ୍କୁଲ ପାଠ ଶେଷରେ ଆନ୍ଦୋଳନରେ ମିଶିବା । ନହେଲେ ବାପା ମା'ଙ୍କର କଷ୍ଟ ଅର୍ଜିତ ଧନ ପାଣିରେ ପଡ଼ିଯିବ ।

## ଅଭିନବ ଛାତ୍ର ଆନ୍ଦୋଳନ

ନିଜର ଉନ୍ନତି ଚିନ୍ତା ପଛରେ ପଡ଼ିଗଲା । ନୃସିଂହ ଏବଂ ତାଙ୍କର ସାଙ୍ଗମାନେ ମିଶି ବୁଢ଼ାରଜା ପାହାଡ଼ର ପାଦଦେଶରେ ସଭାକଲେ । ଛାତ୍ରମାନଙ୍କ ମଧ୍ୟରେ ଅପୂର୍ବ ଉନ୍ମାଦନା । ମହାତ୍ମାଗାନ୍ଧି, କଂଗ୍ରେସ ଓ ଭାରତର ମୁକ୍ତି ସଂଗ୍ରାମ ଉପରେ ଗରମାଗରମ ଆଲୋଚନା ହେଲା । ଶେଷରେ ସ୍ଥିର ହେଲା, ''ଆଉ ଏ ଗୋଲାମୀ ପାଠ ପଢ଼ିବା ନାହିଁ ।



ଭାରତମାତାକୁ ପରାଧୀନତାର ବନ୍ଧନରୁ ମୁକ୍ତ କରିବାକୁ ହେବ । ଆନ୍ଦୋଳନରେ ଝାସ ଦିଆଯିବ ।''



ଜାନୁଆରୀ ୩ ତାରିଖ ୧୯୨୧ ମସିହା । ସତକୁ ସତ ଛାତ୍ରମାନେ ଆଉ ସମ୍ବଲପୁର ଜିଲ୍ଲା ସ୍କୁଲକୁ ଗଲେ ନାହିଁ । ପ୍ରାୟ ଚାଳିଶ ଜଣ ଛାତ୍ର ଦଳ ବାନ୍ଧି ସହର ସାରା ବୁଲି ଅସହଯୋଗ ଆନ୍ଦୋଳନର ବାର୍ତ୍ତା

ପ୍ରଚାର କଲେ । ଏହା ଏକ ଅଭିନବ ଘଟଣା ଥିଲା । ଏକଥା ସମ୍ବାଦପତ୍ରମାନଙ୍କରେ ପ୍ରକାଶ ପାଇଲା । ସମ୍ବଲପୁରର ସ୍କୁଲ ଛାତ୍ରମାନେ ଆନ୍ଦୋଳନରେ ଭାଗନେବାରେ ସାରା ଭାରତରେ ଅଗ୍ରଣୀ ହେଲେ । ଚାରିଆଡ଼େ ଚହଳ ପଡ଼ିଗଲା । ଏହି ଛାତ୍ରମାନଙ୍କ ମଧ୍ୟରେ ତାଙ୍କ ସହ ଥିଲେ ଲକ୍ଷ୍ମୀନାରାୟଣ ମିଶ୍ର, ଅରୁଣ ଦାଶ, ମହମ୍ମଦ ହୁସେନ, ଅବଦୁଲ ମଜିଦ୍, ଚନ୍ଦ୍ରଶେଖର ପାଣିଗ୍ରାହୀ, ବେଣିମାଧବ ସୂପକାର, ଗୌରୀ ଶଙ୍କର ସାହାଣୀ ପ୍ରଭୃତି ।

ସେଦିନର କଥା ମନେ ପକାଇ ଜଣେ ପୁରୁଖା ସ୍ୱାଧୀନତା ସଂଗ୍ରାମୀ କହିଛନ୍ତି- ''ପିଲାମାନେ ସ୍କୁଲକୁ ଆସୁନାହାନ୍ତି । ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଛନ୍ତି ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକ ନିମାପଡ଼ା ନିବାସୀ ମଧୁସୂଦନ ଦାଶ । ସେପଟେ ଦଳଦଳ ଛାତ୍ର ଆଗେଇ ଚାଲୁଛନ୍ତି ଜାତୀୟ ବିଦ୍ୟାଳୟକୁ । ହର୍ଷ ଓ ଉଲ୍ଲାସ ଭିତରେ ସ୍ୱାଗତ ଜଣାଉଛନ୍ତି ପ୍ରଧାନ ଶିକ୍ଷକ ପଣ୍ଡିତ ନୀଳକଣ୍ଠ ଦାସ । ଉଭୟ ପୁରୀଜିଲ୍ଲାର ପଣ୍ଡିତ ।''

ଜାତୀୟ ବିଦ୍ୟାଳୟରେ ନାମ ଲେଖାଇବା ପରେ ବାପା ମା କାହାରି ଅନୁରୋଧ ରଖିପାରିଲେ ନାହିଁ ନୃସିଂହ । ଧନ୍ଦାମୂଳକ ଶିକ୍ଷା ପାଇଲେ । ଜାତୀୟତାର ମନ୍ତ୍ରରେ ଦୀକ୍ଷିତ ହେଲେ । ପାଠ ମଧ୍ୟ ପଢ଼ିଲେ । ବର୍ଷେ ପ୍ରାୟ ଜାତୀୟ ବିଦ୍ୟାଳୟର ଛାତ୍ରମାନେ ହାଇସ୍କୁଲ ପରୀକ୍ଷା ଦେଇଥିଲେ । ସେଥିରେ କୃତକାର୍ଯ୍ୟ ହୋଇଥିଲେ ତିନିଜଣ ଛାତ୍ର-ନୃସିଂହ ଗୁରୁ, ଦାମୋଦର ପାଢ଼ୀ ଓ ଅରୁଣ ଦାଶ ।

### ଗୋପବନ୍ଧୁଙ୍କ ସହ ସାକ୍ଷାତ

ସମ୍ବଲପୁରରେ ଝାରସୁଗୁଡ଼ା ଏକ ପ୍ରସିଦ୍ଧ ଅଞ୍ଚଳ । ଏଠାରେ



ଶିକ୍ଷିତ ଲୋକଙ୍କ ସଂଖ୍ୟା ବେଶି । ତେଣୁ ଏଠାରେ ସ୍ୱରାଜ ଆନ୍ଦୋଳନ ଜୋରରେ ଚାଲିଥାଏ । ୧୯୨୧ ମସିହା ଶେଷ ଆଡ଼କୁ ପଣ୍ଡିତ ଗୋପବନ୍ଧୁ ଆସିଲେ ଝାରସୁଗୁଡ଼ା । ସାଧାରଣ ସଭାରେ ଭାଷଣ ଦେବେ । ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନ ସପକ୍ଷରେ ଜନମତ ସୃଷ୍ଟି କରିବେ । କିନ୍ତୁ ଇଂରେଜ ସରକାର ତାହା କରେଇ ଦେଲେ ନାହିଁ । ୧୪୪ ଧାରା ଜାରି କରି ସଭା ଆୟୋଜନ ବନ୍ଦ କରିଦେଲେ ।

ଗୋପବନ୍ଧୁଙ୍କୁ ଫେରି ଯିବାକୁ ପଡ଼ିଲା । ସେ କିନ୍ତୁ ତାଙ୍କର ଲିଖିତ ଭାଷଣଟିକୁ ଉତ୍ସାହୀ ଯୁବକ ନୃସିଂହ ଗୁରୁଙ୍କୁ ଦେଇଗଲେ । ଜଣେ କଂଗ୍ରେସ କର୍ମୀଙ୍କ ଖୋଲାଘରେ ସଭାହେଲା । ସେଇଠି ନୃସିଂହ ଗୋପବନ୍ଧୁଙ୍କର ଭାଷଣଟିକୁ ଏଭଳି ପଢ଼ିଲେ ଯେ, ଜଣାପଡ଼ିଲା - ସତେ ଯେପରି ସେ ଭାଷଣ ଦେଉଛନ୍ତି ! ଲୋକମାନଙ୍କ ମଧ୍ୟରେ ଜାଗରଣ ଖେଳିଗଲା । ନୃସିଂହଙ୍କ ସଂଗଠନ ଶକ୍ତି ଓ ଦକ୍ଷତା ଉପରେ ସ୍ଥାନୀୟ ନେତାମାନଙ୍କର ସୁଦୃଷ୍ଟି ପଡ଼ିଲା ।

ନୃସିଂହଙ୍କର ଆନ୍ଦୋଳନରେ ଯୋଗଦେବାରୁ ସାହସ ବଢ଼ିଗଲା । ତାଙ୍କର ଜଣେ ସହକର୍ମୀ ରାଜପୁର ଗ୍ରାମରେ ଅସହଯୋଗ ଆନ୍ଦୋଳନ ବାର୍ତ୍ତା ପ୍ରଚାର କରୁଥିଲେ । ସ୍ଥାନୀୟ ଜମିଦାର ତାଙ୍କୁ ଅପମାନ ଦେଲେ । ଏକଥା ନୃସିଂହ ଶୁଣିଲେ । ସଙ୍ଗେ ସଙ୍ଗେ ସେ ଗ୍ରାମକୁ ଯାଇ ପ୍ରତିବାଦ କଲେ । ଲୋକ ତାଙ୍କ ସହ ଯୋଗଦେଲେ । ଲୋକଙ୍କ ମଧ୍ୟରେ ଜାଗରଣ ଖେଳିଗଲା । ଜମିଦାରଙ୍କ ପ୍ରତି ଭୟ ମଧ୍ୟ କମିଗଲା ।

୧୯୨୨ ମସିହାରେ ଗାନ୍ଧିଜୀ ଅସହଯୋଗ ଆନ୍ଦୋଳନ ବନ୍ଦ କରିଦେଲେ । କର୍ମୀମାନଙ୍କୁ ରଚନାତ୍ମକ କାର୍ଯ୍ୟରେ ଲାଗିବାକୁ କହିଲେ ।

ରଚନାତ୍ମକ କାର୍ଯ୍ୟ କହିଲେ - ଚରଖାରେ ସୂତା କାଟିବା, ଖଦି ବସ୍ତ୍ର ବୁଣିବା, ଛୁଆଁ ଅଛୁଆଁ ଭେଦଭାବ ଦୂର କରିବା ଆଦିକୁ ବୁଝାଉଥିଲେ । ଝାରସୁଗୁଡ଼ା ଓ ଲାଇକେରା ଅଞ୍ଚଳରେ ନୃସିଂହ ଏହି କାମରେ ଲାଗି ପଡ଼ିଲେ ।

ସେ ଅଞ୍ଚଳରେ ମହାବୀର ପ୍ରସାଦ ଥିଲେ ଜଣେ ଟାଣୁଆ ନେତା । ତାଙ୍କ ଘରେ କଂଗ୍ରେସ ଅଫିସ ହେଲା । ସେଇଠି ନୃସିଂହ ରହି ସ୍ଥାନୀୟ ଲୋକଙ୍କ ଭିତରେ ଖଦି ପ୍ରସାର ଓ ହରିଜନ କଲ୍ୟାଣ କାମରେ ମନଦେଲେ । ସେ ଅଞ୍ଚଳରେ ଅଘରିଆ ଜାତିର ଲୋକ ଥିଲେ । ଲୁଗାବୁଣା ସେମାନଙ୍କ ଜାତିଗତ ଧନ୍ଦା । ସେମାନଙ୍କୁ ଘରେ ଚରଖା ଚଳାଇ ସୂତା କାଟିବା ଓ ଲୁଗା ବୁଣିବା କାମରେ ନୃସିଂହ ଉତ୍ସାହ ଦେଲେ । କଂଗ୍ରେସ ଲୋକେ ସ୍ୱଦେଶୀ ମନ୍ତ୍ର ଗ୍ରହଣ କଲେ । ବିଦେଶୀ ଲୁଗାପଟା ପିନ୍ଧିଲେ ନାହିଁ । ତେଣୁ ଅଘରିଆ ଲୋକଙ୍କ ଖଦି ଲୁଗା ଶୀଘ୍ରଶୀଘ୍ର ବିକ୍ରି ହୋଇଗଲା । ସେମାନଙ୍କ ଅବସ୍ଥା ସ୍ୱଚ୍ଛଳ ହେଲା । ସମସ୍ତେ କଂଗ୍ରେସର ସଭ୍ୟ ହେଲେ ।

କଂଗ୍ରେସ କର୍ମୀଙ୍କ ଉପରେ ଇଂରେଜମାନଙ୍କର ପ୍ରବଳ ରାଗ । ତଥାପି ବର୍ଷକ ଭିତରେ ସେ ଅଞ୍ଚଳରୁ ଦୁଇହଜାର କଂଗ୍ରେସ କର୍ମୀ ବାହାରିଲେ । ମହାବୀର ପ୍ରସାଦଙ୍କ ଖ୍ୟାତି ବଢ଼ିଗଲା । ସେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିରେ ସଭାପତି ହୋଇଗଲେ । ଏହା ମୂଳରେ ଥିଲା ନୃସିଂହଙ୍କର ସଂଗଠନ ଶକ୍ତି ଓ କର୍ତ୍ତବ୍ୟ ନିଷ୍ଠା । ସମ୍ବଲପୁରରେ ତାଙ୍କ ସହ କୃତାର୍ଥ ଆଚାର୍ଯ୍ୟ ଓ ବୃନ୍ଦାବନ ଗୁରୁ ମଧ ଖଦି ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ ।



**ଚନ୍ଦ୍ରଶେଖର ବେହେରାଙ୍କ ଆଶୀର୍ବାଦ ଲାଭ**

୧୯୨୪ ମସିହା ପର୍ଯ୍ୟନ୍ତ ନୃସିଂହ କଂଗ୍ରେସ ସଂଗଠନ ଓ ରଚନାତ୍ମକ କାମରେ ଲାଗିଲେ । ଏହାପରେ କଂଗ୍ରେସ ଉଦାରପନ୍ଥୀ ନେତାମାନଙ୍କ ହାତରେ ପଡ଼ିଲା । ସେମାନେ ସ୍ଥିର କଲେ, ସ୍ୱାୟତ୍ତ ଶାସନ ସଂସ୍ଥାରେ ଭାରତୀୟମାନେ ଭାଗନେବେ । ତଳ ସ୍ତରରେ ଥିବା ଲୋକମାନଙ୍କ ଦୁଃଖ ଦୁର୍ଦ୍ଦଶା ବୁଝିବେ । ଆନ୍ଦୋଳନ ଧିମେଇ ଗଲା । ବିଶିଷ୍ଟ ଜନନେତା ଚନ୍ଦ୍ରଶେଖର ବେହେରା ସମ୍ବଲପୁର ମ୍ୟୁନିସିପାଲିଟି ଚେୟାରମେନ ହେଲେ । ସେ ନୃସିଂହଙ୍କୁ ଆଣି ମ୍ୟୁନିସିପାଲିଟିରେ ଗୋଟିଏ ଚାକିରି କରେଇ ଦେଲେ । କଂଗ୍ରେସ ସଂଗଠନ ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କାମରେ ନୃସିଂହ ଯେତେବେଳେ ବାହାରୁଥିଲେ, ସେ ଛୁଟି ମଂଜୁର କରିଦେଉଥିଲେ ।

**ଗାନ୍ଧିଙ୍କ ସହ ସାକ୍ଷାତ୍**

୧୯୨୮ ମସିହାରେ ଗାନ୍ଧିଜୀ ଓଡ଼ିଶା ଆସିଲେ । ତାଙ୍କ ସହ ପତ୍ନୀ କସ୍ତୁରବା, ପୁଅ ଓ ଅନ୍ୟାନ୍ୟ ବଡ଼ବଡ଼ ନେତା ଆସିଥିଲେ । ସେମାନେ ସମ୍ବଲପୁର ଆସିଲେ । ଚନ୍ଦ୍ରଶେଖର ବେହେରାଙ୍କ ଘରେ ଅତିଥି ହେଲେ । ସେମାନଙ୍କର ରହିବା, ଖାଇବା ଓ ସେମାନଙ୍କ ପାଇଁ ସଭା ଆୟୋଜନ କରିବା ନିମନ୍ତେ ନୃସିଂହଙ୍କୁ ଦାୟିତ୍ୱ ଦିଆଯାଇଥିଲା । ସେଇଠି ସେ ଅତି ନିକଟରୁ ଗାନ୍ଧିଜୀଙ୍କ ସମ୍ପର୍କରେ ଆସିଲେ । ତାଙ୍କର ସରଳ ଜୀବନ ଓ ଉଚ୍ଚ ଚିନ୍ତା ନୃସିଂହଙ୍କୁ ଖୁବ୍ ପ୍ରଭାବିତ କଲା । ଧୀରେ ଧୀରେ କଥା କହୁଥିଲେ ମଧ ଗାନ୍ଧିଜୀଙ୍କ ନିର୍ଭୀକତା ଓ ନିଜର ବିଚାରରେ ଅଟଳ ରହିବା ଗୁଣରେ ସେ ମୁଗ୍ଧ ହେଲେ ।

## ପୂରାପୂରି ସ୍ୱଦେଶୀ

କ୍ରମେ କ୍ରମେ ତାଙ୍କ ଜୀବନ ଗାନ୍ଧିଜୀଙ୍କ ଛାଞ୍ଚରେ ପଡ଼ିଗଲା । ତାଙ୍କ ମନରେ ଦେଶପ୍ରେମର ଭାବନା ଦୃଢ ହୋଇଗଲା । ତାଙ୍କର ପୋଷାକ ପରିଚ୍ଛଦ ବଦଳିଗଲା । ସେ କେବଳ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରିବାକୁ ଲାଗିଲେ । ଆଣ୍ଠୁ ଲୁଚା ଖଦଡ଼ ଲୁଗା, ବେକରେ ଖଣ୍ଡେ ଖଦଡ଼ ଚ଼ାଦର ଓ କାନ୍ଧରେ ଗୋଟିଏ ଖଦଡ଼ ଝୁଲାମୁଣି ହେଲା ତାଙ୍କର ପୋଷାକ । ସେତେବେଳେ ଚ଼ିନିକଳଗୁଡ଼ାକ ବିଦେଶରେ ଥିଲା । ତେଣୁ ସେ ଚ଼ିନି ନଖାଇ ଗୁଡ଼ ଖାଇଲେ । ଛତାରେ ବିଦେଶୀ କଳ ତିଆରି କପଡ଼ା ଲାଗୁଥିଲା । ସେ ଛତା ବ୍ୟବହାର ନ କରି ତାଳପତ୍ର ପକ୍ଷିଆ ବ୍ୟବହାର କଲେ । ଜୋତା ମାଡ଼ିଲେ ନାହିଁ । ମଫସଲ ଅଞ୍ଚଳରେ ବିନା ଜୋତାରେ ଚ଼ଲିହେବ । କିନ୍ତୁ ସେ ସମ୍ବଲପୁର ସହରର ପିଚୁରାସ୍ତା ଉପରେ ପ୍ରଚଣ୍ଡ ଖରାଦିନେ ଖାଲି ପାଦରେ ଚ଼ାଲିଚ଼ାଲି ଯାଉଥିଲେ । ଏହା ଯେ କେତେ କଷ୍ଟକର, ଅନୁଭବୀ ନ ହେଲେ ସହଜରେ ବୁଝିପାରିବ ନାହିଁ ।

## ବିଚ୍ଛିନ୍ନାଞ୍ଚଳ ମିଶ୍ରଣ କାମ

୧୯୨୯ ଫେବୃଆରୀ ୮ ତାରିଖରେ ଉତ୍କଳ ଗୌରବ ମଧୁସୂଦନ ସମ୍ବଲପୁର ଆସିଲେ । ମ୍ୟୁନିସ୍‌ପାଲିଟି ଅଫିସରେ ତାଙ୍କ ପାଇଁ ବିରାଟ ସମ୍ବର୍ଦ୍ଧନା ସଭା ହେଲା । ଏହା ଆୟୋଜନ କରିବା ଦାୟିତ୍ୱ ମଧ ନୃସିଂହ ଗୁରୁଙ୍କ ଉପରେ ପଡ଼ିଲା । ଏହି ସଭାରେ ମଧୁବାବୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ସହଯୋଗ କରିବାକୁ ନିବେଦନ କଲେ । ତାଙ୍କ ଆହ୍ୱାନର ପ୍ରଭାବ ନୃସିଂହଙ୍କ ଉପରେ ଖୁବ୍ ପଡ଼ିଲା । ଏହାପରେ ସେ ଫୁଲଝର, ଖଡ଼ିଆଳ, ପଦ୍ମପୁର ଓ ଚ଼ନ୍ଦ୍ରପୁର ଅଞ୍ଚଳରେ ବୁଲିଲେ ।



ସେସବୁ ଅଞ୍ଚଳର ମିଶ୍ରଣରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ନିମନ୍ତେ ଜନମତ ସୃଷ୍ଟି କଲେ ।

## ନିଶା ନିବାରଣ

ଗାନ୍ଧିଜୀ ନିଶାନି ବାରଣ ଉପରେ ବେଶି ଜୋର୍ ଦେଉଥିଲେ ।



ନିଶା ରାକ୍ଷସ କବଳରେ ଗରିବ ଲୋକେ ହନ୍ତସନ୍ତ ହୋଇଯାଉଥିଲେ । ଦିନସାରା ହାଡ଼ଭଙ୍ଗା ପରିଶ୍ରମ କରି ଗରିବ ଲୋକେ ଯାହା ମଜୁରି ପାଉଥିଲେ, ସଂଧ୍ୟାବେଳେ ସେଥିରେ ମଦପିଇ ଘରକୁ ଫେରୁଥିଲେ । ଘରେ ସ୍ତ୍ରୀପିଲା ଉପବାସ ଭୋକରେ ସଢୁଥିଲେ । ନିଶାଗ୍ରସ୍ତ ହୋଇ ପିଲାମାନଙ୍କୁ ମାଡ଼ ମାରୁଥିଲେ । ସବୁବେଳେ ଘରେଘରେ କଳି ତକରାଳ ଲାଗୁଥିଲା ।

ଗାନ୍ଧିଜୀଙ୍କ ନିର୍ଦ୍ଦେଶକ୍ରମେ ନୃସିଂହ ଗୁରୁ ଓ ତାଙ୍କର ସାଙ୍ଗମାନେ ନିଶା ନିବାରଣ ପାଇଁ ଜୋର୍‌ସୋର ଉଦ୍ୟମ ଚଳାଇଲେ । ସେମାନେ ମଦଭାଟି ଆଗରେ ଧାରଣା ଦେଲେ । ମଦପିଇବାକୁ କାହାକୁ ଛାଡ଼ିଲେ ନାହିଁ । ୧୯୨୮-୨୯ ଏହି ଗୋଟିଏ ବର୍ଷରେ ସମ୍ବଲପୁରର ଅଧିକାଂଶ ମଦଭାଟି ବନ୍ଦ ହୋଇଗଲା । ବେପାରିମାନେ ଲାଇସେନ୍ସ ଫେରେଇ ଦେଲେ । ମଦ ଦୋକାନରୁ ସରକାରଙ୍କ ରାଜସ୍ୱ ଆଦାୟ କମିଗଲା । ଏପରିକି ଡେପୁଟି କମିଶନ୍‌ରଙ୍କୁ ଏଥିପାଇଁ ଚାକିରି ହରେଇବାକୁ ପଡ଼ିଲା । ନିଶାନିବାରଣ କ୍ଷେତ୍ରରେ ଏପରି ସଫଳତା ସାରା ଭାରତରେ ଆଉ କେଉଁଠି ଦେଖା ଯାଇ ନଥିଲା । ଏଥିରେ ପଣ୍ଡିତ ଜବାହରଲାଲ ନେହେରୁ ଖୁସି ହୋଇ ସମ୍ବଲପୁରର କଂଗ୍ରେସ କର୍ମୀମାନଙ୍କ ପାଖକୁ ନିଜ ହାତରେ ଲେଖି ପ୍ରଶଂସାପତ୍ର ପଠାଇଥିଲେ । ଏହି ଆନ୍ଦୋଳନରେ ନୃସିଂହଙ୍କ ସହ ଯେଉଁମାନେ ସହଯୋଗ କରିଥିଲେ ସେମାନଙ୍କ ମଧ୍ୟରେ ଚିନ୍ତାମଣି ପୂଜାରୀ, ଭାଗୀରଥି ପଟ୍ଟନାୟକ, ଘନଶ୍ୟାମ ପାଣିଗ୍ରାହୀ ଓ ମହାବୀର ସିଂହ ପ୍ରମୁଖଙ୍କ ନାମ ସ୍ମରଣୀୟ ।



ଏହି ଆନ୍ଦୋଳନରେ ଭାଗନେଇ ସେ ଛଅମାସ ପାଇଁ ଜେଲ ଓ ୫୦ଟଙ୍କା ଜୋରିମାନା ଦଣ୍ଡ ଭୋଗିଥିଲେ ।

**ଲବଣ ସତ୍ୟାଗ୍ରହ**

୧୯୩୦ ମସିହାରେ ଗାନ୍ଧିଜୀ 'ଲବଣ ସତ୍ୟାଗ୍ରହ' ଆରମ୍ଭ କଲେ । ସେ କହିଲେ, ''ଭାରତର ତିନି ପାଖରେ ସମୁଦ୍ର ଘେରି ରହିଛି । ଆଗେ ଆମର ପୂର୍ବ ପୁରୁଷ ଏହି ସମୁଦ୍ରରୁ ଲୁଣମାରି ଚଳୁଥିଲେ । ଏବେ ଏଥିପାଇଁ ଇଂରେଜ ସରକାରଙ୍କର ଅନୁମତି କାହିଁକି ଦରକାର ହେବ ? ସମୁଦ୍ରକୁ କଅଣ ଇଂରେଜମାନେ ତିଆରି କରିଛନ୍ତି ? ଆମ ସମୁଦ୍ରରୁ ଲୁଣ ମାରିବା ଆମର ହକ୍‌ଦାବୀ । ଏଥିରେ ଆମକୁ କେହି ବାଧା ଦେବା ଠିକ୍ ନୁହେଁ । ଆମେ ଅଲବତ ଲୁଣ ମାରିବୁ ।'' ଗୁଜୁରାଟର ସାବରମତୀ ଆଶ୍ରମରୁ ଦାଣ୍ଡି ସମୁଦ୍ରକୂଳକୁ ଯାଇ ଲୁଣ ମାରିବାକୁ ସେ ନିଷ୍ପତ୍ତି ନେଲେ । ୧୯୩୦ ମାର୍ଚ୍ଚ ମାସ ୧୨ ତାରିଖ ସକାଳେ ତାଙ୍କର ଦାଣ୍ଡିଯାତ୍ରା ଆରମ୍ଭ ହେଲା । ସାଙ୍ଗରେ ଅନେକ ସତ୍ୟାଗ୍ରହୀ । ବାଟସାରା ରହି ରହି ଯାଉଥାନ୍ତି । ଲବଣ ସତ୍ୟାଗ୍ରହର ଉଦ୍ଦେଶ୍ୟ ବୁଝେଇ ବୁଝେଇ ଚାଲୁଥାନ୍ତି ।

ସାରା ଭାରତରେ ଏହି ଆନ୍ଦୋଳନ ମୁଣ୍ଡ ଟେକିଲା । ଓଡ଼ିଶାର ନେତାମାନେ ସ୍ଥିର କଲେ ବାଲେଶ୍ୱରର ଇଞ୍ଚୁଡ଼ିଠାରେ ଲୁଣ ମରାଯିବ । ଏହି ଅନ୍ଦୋଳନ ପରିଚାଳନା ଦାୟିତ୍ୱ ବାଲେଶ୍ୱରର କଂଗ୍ରେସ ନେତା ହରେକୃଷ୍ଣ ମହତାବ ଓ ସର୍ଦ୍ଦାର ସୁରେନ୍ଦ୍ର ନାଥ ଦାସଙ୍କୁ ଦିଆଗଲା ।

ସତ୍ୟାଗ୍ରହ ଆରମ୍ଭ ହେବାପୂର୍ବରୁ ଏହାକୁ ଦବାଇ ଦେବାକୁ ସରକାର ଚେଷ୍ଟା କଲେ । ବଡ଼ବଡ଼ ସହରରେ ୧୪୪ ଧାରା ଜାରି କରି ଦିଆଗଲା ।

ଓଡ଼ିଶାରେ ଲବଣ ସତ୍ୟାଗ୍ରହକୁ ସଫଳ କରିବା ପାଇଁ ସମ୍ବଲପୁର ଲୋକେ ଉତ୍ସାହରେ ଲାଗିଗଲେ । ମାର୍ଚ୍ଚ ୧୨ ତାରିଖରେ ସମ୍ବଲପୁରରେ ଏକ ବିରାଟ ସାଧାରଣ ସଭା ହେଲା । ଲବଣ ସତ୍ୟାଗ୍ରହରେ ଯୋଗଦେବାକୁ କର୍ମୀମାନଙ୍କୁ ନିବେଦନ କରାଗଲା । କିନ୍ତୁ ମାର୍ଚ୍ଚ ୧୭ ତାରିଖରେ ଇଂରେଜ ସରକାର ଆନ୍ଦୋଳନର ନେତା ଲକ୍ଷ୍ମୀନାରାୟଣ ମିଶ୍ର ଓ ଭାଗୀରଥି ପଟ୍ଟନାୟକଙ୍କୁ ଗିରଫ କରିନେଲେ । ଏହାର ପ୍ରତିବାଦ କରି ମାର୍ଚ୍ଚ ୧୮ରେ ସମ୍ବଲପୁର ସହରରେ ସଂପୂର୍ଣ୍ଣ ହରତାଳ ପାଳନ କରାଯାଇଥିଲା । ଏହାର ମୁଖ୍ୟ ଆୟୋଜକ ଥିଲେ ନୃସିଂହ ଗୁରୁ । ସେଇଥିପାଇଁ ତାଙ୍କୁ ଗିରଫ କରି କୋର୍ଟକୁ ପଠାଇ ଦିଆଯାଇଥିଲା । ସେମାନେ ଯେପରି ଇଞ୍ଜୁଡ଼ି ଯାଇ ନ ପାରିବେ, ତହିଁର ବ୍ୟବସ୍ଥା କରାଯାଇଥିଲା । ତଥାପି ଅନେକ କର୍ମୀ ଘନଶ୍ୟାମ ପାଣିଗ୍ରାହୀଙ୍କ ନେତୃତ୍ୱରେ ସମ୍ବଲପୁର ବାହିନୀ ଗଠନ କରି ବାଲେଶ୍ୱରର ସୋରୋ ପର୍ଯ୍ୟନ୍ତ ଯାଇଥିଲେ । ସେମାନେ ସତ୍ୟାଗ୍ରହୀମାନଙ୍କୁ ଉତ୍ସାହ ପ୍ରଦାନ କରିଥିଲେ ।

**ହରିଜନ କଲ୍ୟାଣ**

ନୃସିଂହ ଗୁରୁଙ୍କ ଜୀବନର ସବୁଠାରୁ ବଡ଼କାମ ହେଉଛି ହରିଜନ



ସେବା । ୧୯୩୨ ମସିହା ଅଗଷ୍ଟ ମାସରେ ସେ ଜେଲ୍‌ରୁ ଖଲାସ ହେଲେ । ସେତେବେଳକୁ ଗାନ୍ଧିଜୀ ଛୁଆଁ ଅଛୁଆଁ ଦୂରୀକରଣ ଓ ହରିଜନ କଲ୍ୟାଣ କାର୍ଯ୍ୟକ୍ରମ ଉପରେ ଜୋର୍ ଦେଇଥାନ୍ତି । ସମସ୍ତେ ତ ଭଗବାନଙ୍କ ସନ୍ତାନ, ସେଥିରୁ କେତେକ ଜାତିର ଲୋକଙ୍କୁ ଅଛୁଆଁ କରିରଖିବା ଭଗବାନଙ୍କୁ ଅପମାନ କରିବା କାମ ନୁହେଁ କି ? ଗାନ୍ଧିଜୀ ସବୁବେଳେ ଏହି କଥା କହୁଥିଲେ । ସହଜରେ ପିଲାଦିନରୁ ସମାଜର ଦଳିତ ଓ ଗରିବ ଲୋକଙ୍କ ପ୍ରତି ନୃସିଂହଙ୍କର ସ୍ନେହ, ସହାନୁଭୂତି କଥା ସମସ୍ତେ ଜାଣିଥିଲେ । ଓଡ଼ିଶାରେ ହରିଜନ କଲ୍ୟାଣ ପାଇଁ ପ୍ରାଦେଶିକ ସମିତିରେ ସଭାପତି ଥିଲେ ଗୋପବନ୍ଧୁ ଚୌଧୁରୀ । ପ୍ରତି ଜିଲ୍ଲାରେ ଏହି କାମ କିପରି ଆଗେଇବ ସେଥିପାଇଁ ସେ ଯୋଜନା କରୁଥିଲେ ।

ନୃସିଂହ ଜେଲରୁ ଖଲାସ ହୋଇ ସମ୍ବଲପୁରରେ ପହଞ୍ଚି ଶୁଣିଲେ ତାଙ୍କୁ ଓ ଚନ୍ଦ୍ରଶେଖର ବେହେରାଙ୍କୁ ଗୋପବାବୁ ଡକେଇଛନ୍ତି । ସେ ଶ୍ରୀ ବେହେରାଙ୍କୁ ଦେଖା କଲେ । ବେହେରା ମହାଶୟ କଂଗ୍ରେସ ନେତାମାନଙ୍କଠାରୁ ୧୨ଟଙ୍କା ଚାନ୍ଦା ଆଦାୟ କଲେ । ନିଜ ହାତରୁ ୩ଟଙ୍କା ମିଶାଇ ନୃସିଂହଙ୍କୁ କଟକ ଯିବା ଆସିବା ପାଇଁ ୧୫ଟଙ୍କା ବାଟଖର୍ଚ୍ଚ ଦେଲେ । ନୃସିଂହ ଆସି ପ୍ରାଦେଶିକ ହରିଜନ ସେବକ ସମିତି ବୈଠକରେ ଯୋଗଦେଲେ । ସମ୍ବଲପୁରରେ ଏହି କାମକୁ ଆଗେଇ ନେବା ପାଇଁ ଜିଲ୍ଲା ଅସ୍ପୃଶ୍ୟତା ନିବାରିଣୀ ସମିତି ଗଠନ କରାଗଲା ।

ଏହାର ସଭାପତି ଓ ସଂପାଦକ ଭାବେ ଯଥାକ୍ରମେ ଚନ୍ଦ୍ରଶେଖର ବେହେରା ଓ ନୃସିଂହ ଗୁରୁଙ୍କୁ ଦାୟିତ୍ୱ ଦିଆଗଲା ।

ନିରଳସ କର୍ମୀ ନୃସିଂହ ଗୁରୁ ଲାଗି ପଡ଼ିଲେ ଗରିବ ହରିଜନମାନଙ୍କ କଲ୍ୟାଣ ସାଧନରେ । ହରିଜନମାନଙ୍କ ପାଇଁ ଚନ୍ଦ୍ରଶେଖର ଓ ନୃସିଂହ ତଳ ଲିଖିତ କାର୍ଯ୍ୟକ୍ରମମାନ ଗ୍ରହଣ କରିଥିଲେ ।

(କ) ହରିଜନମାନଙ୍କ ଉନ୍ନତି ପାଇଁ ପାଣ୍ଠି ସଂଗ୍ରହ

(ଖ) ହରିଜନ ବସ୍ତି ସଫେଇ

(ଗ) ହରିଜନ ପିଲାଙ୍କୁ ଭଲକରି ଗାଧୋଇ ଦେବା, ସେମାନଙ୍କୁ ଭଲ ପାଇବା, ଛୋଟବଡ଼ ଉପହାର ଦେବା

(ଘ) ହରିଜନମାନଙ୍କୁ ସଙ୍ଗରେ ମିଶେଇ ହରିନାମ କୀର୍ତ୍ତନ କରିବା

(ଙ) ସାଧାରଣ ସଭା କରି ସେମାନଙ୍କ ସାହସ ବଢେଇବା

(ଚ) ସେମାନଙ୍କ ବ୍ୟବହାର ପାଇଁ କୂଅ ଖୋଳିବା

(ଛ) ସେମାନଙ୍କୁ ମନ୍ଦିରରେ ପ୍ରବେଶ କରାଇବା

(ଜ) ହରିଜନ ପିଲାଙ୍କ ମଧ୍ୟରେ ଶିକ୍ଷାର ପ୍ରସାର କରାଇବା

ମନରେ ଶ୍ରଦ୍ଧା ଓ ଆଗ୍ରହ ନେଇ କାମକଲେ କଷ୍ଟକର କାମଗୁଡ଼ିକ ମଧ୍ୟ ସହଜ ହୋଇଯାଏ । ରକ୍ଷଣଶୀଳ ଉଚ୍ଚଜାତିର ହିନ୍ଦୁମାନେ ହରିଜନମାନଙ୍କର ସେବାକୁ ଖୁବ୍ ବିରୋଧ କରୁଥିଲେ । ନିଆଁପାଣି



ଅଟକ କରୁଥିଲେ । ତଥାପି ନୃସିଂହ ଡରି ଯାଇ ନଥିଲେ । ଚାରିଆଡ଼େ ହରିଜନଙ୍କ ସେବା ପାଇଁ କର୍ମୀମାନଙ୍କୁ ଉତ୍ସାହିତ କରୁଥିଲେ ।

ଠକ୍କରବାପା ଥିଲେ ନିଖିଳ ଭାରତ ହରିଜନ କଲ୍ୟାଣ ସଂଘର ସଭାପତି । ସେ ସମ୍ବଲପୁର ଗସ୍ତରେ ଆସିଲେ । ଚାରିଆଡ଼େ ବୁଲି ହରିଜନମାନଙ୍କ ଉନ୍ନତି ପାଇଁ ଚାଲିଥିବା କାମସବୁ ଦେଖି ବହୁତ ଖୁସି ହେଲେ । ୧୯୩୪ ମସିହାରେ ଗାନ୍ଧିଜୀଙ୍କର ଓଡ଼ିଶାଗସ୍ତ ପ୍ରସ୍ତାବ ଥିଲା । ଏଥର ସେ ଯେପରି ସମ୍ବଲପୁର ଆସନ୍ତି, ଠକ୍କରବାପା ତହିଁର ବ୍ୟବସ୍ଥା କରିଥିଲେ ।

୧୯୩୪ ମସିହା ମେ ମାସ ୫ ତାରିଖ ଦିନ ଗାନ୍ଧିଜୀ ଓଡ଼ିଶା ଆସିଲେ । ଏଥର ସେ ଗସ୍ତ ଆରମ୍ଭ କଲେ ସମ୍ବଲପୁରରୁ । ଝାରସୁଗୁଡ଼ା ଓ ସମ୍ବଲପୁରରେ ସେ ଦୁଇଟି ସଭାରେ ଭାଷଣ ଦେଲେ । ସଭାସ୍ଥଳରେ ମୋଟ ୯୯୮ ଟଙ୍କା ଆଠଅଣା (ଷୋଳ ଅଣାରେ ଏକଟଙ୍କା) ର ଥଳି ଗାନ୍ଧିଜୀଙ୍କୁ ଭେଟି ଦିଆଗଲା । ସମ୍ବଲପୁରରେ ସକାଳେ ସଭା ହେଲା । ସଭା ସରିବା ମାତ୍ରେ ଗାନ୍ଧିଜୀ କହିଲେ- ''ମୁଁ ହରିଜନ ବସ୍ତି ଦେଖିବାକୁ ଯିବି ।'' ଠକ୍କରବାପା ଓ ଲକ୍ଷ୍ମୀ ନାରାୟଣ ସାହୁ ତାଙ୍କ ସହ ଆସିଥିଲେ । ନୃସିଂହ ଗୁରୁ ଓ ତାଙ୍କ ସହଯୋଗୀମାନେ ଗାନ୍ଧିଜୀଙ୍କୁ ତେଲକୋପଡ଼ା ହରିଜନ ବସ୍ତିକୁ ନେଇଗଲେ । ଚାରିଆଡ଼ ଓ ଘରଦ୍ୱାର ପରିଷ୍କାର ପରିଚ୍ଛନ୍ନ ଥିଲା । ସେମାନେ ହରିବୋଲ ହୁଳହୁଳି ପକାଇ ଗାନ୍ଧିଜୀଙ୍କୁ ଦେବତା ଭଳି ସ୍ୱାଗତ କଲେ । ନିଜ ଭିତରେ ଚାନ୍ଦା କରି

୬୦ ଟଙ୍କାର ଥଳି ଉପହାର ଦେଲେ । ସେମାନଙ୍କ ପାଇଁ ହୋଇଥିବା କୂଅ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଦେଖି ଗାନ୍ଧିଜୀ ବହୁତ ଖୁସି ହୋଇଗଲେ । ପାଠ ପଢ଼ି ଭଲ ମଣିଷ ହେବାକୁ ସେ ସେମାନଙ୍କୁ ଉପଦେଶ ଦେଲେ ।

ଚାରିଟା ବେଳେ କେତେକ ଉଚ୍ଚଜାତିର ହିନ୍ଦୁ ଗାନ୍ଧିଜୀଙ୍କ ସହ ଛୁଆଁ ଅଛୁଆଁ ଭେଦଭାବ ଦୂର ବିରୁଦ୍ଧରେ ଯୁକ୍ତିକଲେ । ଗାନ୍ଧିଜୀ ସେମାନଙ୍କୁ ବୁଝେଇ ଦେଲେ । ସନ୍ଧ୍ୟାବେଳେ ମହାନଦୀ ବାଲିର ବାଲୁକେଶ୍ୱର ଘାଟରେ ବିରାଟ ସଭା ହେଲା । ଗାନ୍ଧିଜୀ ସମସ୍ତଙ୍କୁ ବୁଝେଇଲେ, ''ସବୁ ମଣିଷ ଈଶ୍ୱରଙ୍କର ସନ୍ତାନ । କେହି ଅଛୁଆଁ ନୁହନ୍ତି ।''

ଗାନ୍ଧିଜୀ ଅନୁଗୁଳ ଯିବା ବାଟରେ କହିଲେ- ''ଯେଉଁଠୁ ଯେତିକି ଚାନ୍ଦା ମିଳିବ, ତାହା ସେ ଅଞ୍ଚଳର ହରିଜନମାନଙ୍କ ଉନ୍ନତିରେ ଖର୍ଚ୍ଚ ହେବ ।'' ସମ୍ବଲପୁରରୁ ମିଳିଥିବା ଚାନ୍ଦା ଟଙ୍କାରେ ଗୋଟିଏ ହରିଜନ ଛାତ୍ରାବାସ ଖୋଲିବାକୁ ନୃସିଂହ ଗୁରୁ ପ୍ରସ୍ତାବ ଦେଲେ । ଠକ୍କରବାପା ଏହାକୁ ସମର୍ଥନ ଜଣାଇଲେ । ନୃସିଂହ ଗୁରୁ ଏହାର ପରିଚାଳନା ଦାୟିତ୍ୱରେ ରହିଲେ ।

ଏହି ଛାତ୍ରାବାସ ଯଥେଷ୍ଟ ସୁନାମ ଅର୍ଜନ କରିଥିଲା । ଠକ୍କରବାପା, ଆଚାର୍ଯ୍ୟ ହରିହର, ନନ୍ଦକିଶୋର ଦାସ, ପଣ୍ଡିତ ଲିଙ୍ଗରାଜ ମିଶ୍ରଙ୍କ ଭଳି ବଡ଼ ବଡ଼ ନେତାମାନେ ଅନେକ ଥର ସମ୍ବଲପୁର ଆସି ଏହି ଛାତ୍ରାବାସରେ ରହିଥିଲେ । ଏହି ଛାତ୍ରାବାସରେ ପ୍ରାୟ ୨୦ଜଣ ଛାତ୍ର



ରହି ପଢୁଥିଲେ । ସେମାନଙ୍କ ମଧ୍ୟରୁ ପରେ ଜଣେ ଓଡ଼ିଶାର ମନ୍ତ୍ରୀ ମଧ୍ୟ ହୋଇଥିଲେ ।

ଏହି ମନ୍ତ୍ରୀ ମହାଶୟ ଛାତ୍ରାବାସର ସ୍ମୃତି ମନେ ପକାଇ ଲେଖିଛନ୍ତି - ''ସେତେବେଳେ ଆମେ ପ୍ରତ୍ୟେକ କ୍ଷେତ୍ରରେ ଦଳିତ, ବଞ୍ଚିତ ଓ ଲାଞ୍ଛିତ । ଆମ ପାଇଁ ଶ୍ରୀ ଗୁରୁଙ୍କ ପ୍ରାଣରେ ଅସୀମ ଦରଦ ଥିଲା । ତାଙ୍କରି ଉତ୍ସାହ, ପ୍ରେରଣା ଓ ଆର୍ଥିକ ସହାୟତା ଭୁଲି ହେବ ନାହିଁ । ଶ୍ରୀଗୁରୁ ବହୁବାର ଛାତ୍ରାବାସକୁ ଆସୁଥିଲେ । ପ୍ରତ୍ୟେକଙ୍କର ସୁବିଧା ଅସୁବିଧା ବୁଝୁଥିଲେ । ଆମ ପାଇଁ ଡାଲି, ଚାଉଳ ଯୋଗାଡ଼ କରି ଦେଉଥିଲେ । ସେ ଆମ ପାଇଁ ଅନେକ ଲୋକଙ୍କ ପାଖରେ ହାତ ପାତିଥିଲେ । ଏପରିକି ଆମର ପଢ଼ିବା ପାଇଁ ହାତରୁ କାଳି, କଲମ, କାଗଜ ମଧ୍ୟ କିଣି ଦେଉଥିଲେ । ଆମେ ସମସ୍ତେ ଏକ ପରିବାର ଭଳି ଚଳୁଥିଲୁ । ତାଙ୍କ ଠାରୁ ସେବା ଓ ଶ୍ରମର ମର୍ଯ୍ୟାଦା ଶିଖୁଥିଲୁ । ତାଙ୍କରି ସାହାଯ୍ୟ ଫଳରେ ଘୋର ଅନ୍ଧାରରୁ ଆମେ ଜ୍ଞାନର ଆଲୋକ ଦେଖିଥିଲୁ ।''

ହରିଜନ କଲ୍ୟାଣ କାମରେ ଆଉ ଯେଉଁମାନେ ସାହାଯ୍ୟ କରିଥିଲେ ସେମାନଙ୍କ ମଧ୍ୟରେ ଚନ୍ଦ୍ରଶେଖର ବେହେରା, ଘନଶ୍ୟାମ ପାଣିଗ୍ରାହୀ, ଅମ୍ବିକା ମାଧବ ପଟ୍ଟନାୟକ, ଆର୍ତ୍ତତ୍ରାଣ ପୂଜାରୀ, ନାଗରମଲ୍ଲ କେଡ଼ିଆ, ଜଗନ୍ନାଥ ମିଶ୍ର, ମହାବୀର ପ୍ରସାଦ ସିଂହ ଓ ରାଘବଜୀ ଯୋଷୀ ପ୍ରସିଦ୍ଧ ଥିଲେ ।

## ଭାରତ ଛାଡ଼ ଆନ୍ଦୋଳନ

୧୯୪୨ ମସିହା ଅଗଷ୍ଟ ମାସ ୮ ତାରିଖ । ଜାତିର ଜନକ ମହାତ୍ମା ଗାନ୍ଧି ଡାକ ଦେଲେ -''ଇଂରେଜମାନେ ଭାରତଛାଡ଼'' । ତା' ପୂର୍ବଦିନ ବମ୍ବେଠାରେ କଂଗ୍ରେସ ଅଧିବେଶନ ବସିଥିଲା । ଏଥିରେ ସାରା ଭାରତରୁ ୨୫୦ ଜଣ ବିଶିଷ୍ଟ କଂଗ୍ରେସ ନେତା ଯୋଗ ଦେଇଥିଲେ । ହଜାର ହଜାର ସାଧାରଣ ଲୋକ ଉପସ୍ଥିତ ଥିଲେ । ଓଡ଼ିଶାରୁ ହରେକୃଷ୍ଣ ମହତାବ, ସୁରେନ୍ଦ୍ରନାଥ ଦ୍ୱିବେଦୀ, ମାଳତୀ ଦେବୀ, ପ୍ରହଲ୍ଲାଦ ରାୟ ଲାଠ ଓ ଲକ୍ଷ୍ମୀ ନାରାୟଣ ମିଶ୍ର କଂଗ୍ରେସ ପ୍ରତିନିଧି ଭାବେ ଯୋଗ ଦେଇଥିଲେ । ସେଇଠି ଗାନ୍ଧିଜୀ କହିଲେ - ''ଆମେ ବହୁ କଷ୍ଟ ସହି ଇଂରେଜମାନଙ୍କୁ ପ୍ରଥମ ମହାଯୁଦ୍ଧରେ ସାହାଯ୍ୟ କରିଥିଲୁ । କିନ୍ତୁ ସେମାନେ ଆମ ଉପରେ ପୂର୍ବଭଳି ଅତ୍ୟାଚାର ଓ ଶୋଷଣ ଚଳାଉଛନ୍ତି । ଆଉ ଆମେମାନେ ଇଂରେଜ ଶାସନ ବରଦାସ୍ତ କରି ପାରିବା ନାହିଁ । ଏଣିକି ତୁମେମାନେ ଦେଶକୁ ସ୍ୱାଧୀନ କର ବା ମର । ବର୍ତ୍ତମାନଠାରୁ ଶେଷ ସଂଗ୍ରାମରେ ଝାସ ଦିଅ ।''

ଗାନ୍ଧିଜୀଙ୍କର ଏହି ଆହ୍ୱାନ ସାରା ଭାରତରେ ବିପ୍ଳବର ନିଆଁ ଜାଳି ଦେଲା । 'କର ବା ମର' ଧ୍ୱନିରେ ଚାରିଆଡ଼ କମ୍ପିଲା । ଇଂରେଜ ସରକାର ବିପ୍ଳବକୁ ଦବେଇ ଦେବାକୁ ପ୍ରବଳ ଚେଷ୍ଟା କଲେ । ଅଗଷ୍ଟ ୯ ତାରିଖ ସକାଳେ ଗାନ୍ଧିଜୀ ଓ କଂଗ୍ରେସର ଆଉ ସବୁ ବଡ଼ ବଡ଼ ନେତାଙ୍କୁ ବନ୍ଦୀ କଲେ । ଏମାନଙ୍କ ମଧ୍ୟରେ ଥିଲେ ଓଡ଼ିଶାରୁ ହରେକୃଷ୍ଣ



ମହତାବ । ତାଙ୍କୁ ଅହମ୍ମଦ ନଗର ଦୁର୍ଗରେ ବନ୍ଦୀ କରି ରଖାଗଲା । ସେଇଠି ପଣ୍ଡିତ ଜବାହାର ଲାଲ ଓ ସର୍ଦ୍ଦାର ପଟେଲ ମଧ୍ୟ ବନ୍ଦୀ ହୋଇଥିଲେ । ସମ୍ବଲପୁରରେ ଏହି ଆନ୍ଦୋଳନ ବ୍ୟାପକ ଆକାର ଧାରଣ କଲା । ବମ୍ବେ କଂଗ୍ରେସ ଅଧିବେଶନରୁ ସମ୍ବଲପୁରର ନେତା ଲକ୍ଷ୍ମୀ ନାରାୟଣ ମିଶ୍ରଙ୍କୁ ଗିରଫ କରାଗଲା । ଏ ଖବର ସମ୍ବଲପୁରରେ ଜଣା ପଡ଼ିବାରୁ ନୃସିଂହ ଗୁରୁ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଲେ । ତାଙ୍କ ସହ ଦୟାନନ୍ଦ ଶତପଥୀ, ଦୁର୍ଗାପ୍ରସାଦ ଗୁରୁ, ରାମରକ୍ଷା ଶୁକ୍ଳ ପ୍ରମୁଖ ଆନ୍ଦୋଳନକୁ ତେଜେଇ ଦେଲେ । ସମ୍ବଲପୁର, ଝାରସୁଗୁଡ଼ା ଓ ବରଗଡ଼ ଭଳି ସହର ସହ ଗାଁ ଗଣ୍ଡାକୁ ଆନ୍ଦୋଳନ ବ୍ୟାପିଲା । ପୋଲିସ୍ ସଙ୍ଗେ ସଙ୍ଗେ ଆନ୍ଦୋଳନକୁ ଦବେଇବା ପାଇଁ ନେତା ନୃସିଂହ ଗୁରୁ ଓ ଦୟାନନ୍ଦ ଶତପଥୀଙ୍କ ନାମରେ ମିଛ ମକଦ୍ଦମା ଆରମ୍ଭ କଲେ ।

ସେମାନଙ୍କୁ ଭାରତରକ୍ଷା ଆଇନ ବଳରେ ବନ୍ଦୀ କରିନେଲେ । ଜେଲକୁ ଗଲାବେଳେ ନୃସିଂହ ଗୁରୁଙ୍କର ଛଅବର୍ଷର ଝିଅକୁ ଭୀଷଣ ଜ୍ୱର । ଅନେକ ଲୋକ ପରାମର୍ଶ ଦେଲେ, ସରକାରଙ୍କୁ କୁହାବୋଲା କରି ଆଠଦିନ ମହଲତ ନିଅ । କିନ୍ତୁ ସେ ବିଚଳିତ ହେଲେ ନାହିଁ । ଭଗବାନଙ୍କ ଉପରେ ନିଜ ଝିଅର ଦାୟିତ୍ୱ ଛାଡ଼ିଦେଇ ଜନନୀ ଜନ୍ମଭୂମିର ମୁକ୍ତି ପାଇଁ ଜେଲ ବରଣ କରିନେଲେ । ତାଙ୍କ ପରେ ସାନଭାଇ ଦୁର୍ଗା ପ୍ରସାଦ ଗୁରୁଙ୍କୁ ମଧ୍ୟ ଜେଲକୁ ନିଆଗଲା । ରୋଗିଣା ଝିଅଟି ଚିକିତ୍ସାର ସୁବିଧା ନପାଇ ତିନିଦିନ ପରେ ସବୁଦିନ ପାଇଁ ଆଖି ବୁଜିଦେଲା ।

ମକଦ୍ଦମା ମିଛ ବୋଲି ପ୍ରମାଣିତ ହେଲା । କିନ୍ତୁ ସେମାନେ ପଦାକୁ ଆସିଲେ ଆନ୍ଦୋଳନ ତେଜିବ ଏହି ଭୟରେ ପୁଣି ସେମାନଙ୍କୁ ଜେଲରେ ଅଟକବନ୍ଦୀ ଭାବେ ରଖାଗଲା । ୧୯୪୪ ଜୁଲାଇ ମାସରେ ନୃସିଂହ ଗୁରୁ ଓ ତାଙ୍କର ସାଙ୍ଗମାନେ ଜେଲରୁ ଖଲାସ ହେଲେ । ସେତେବେଳକୁ ଆଉ ତାଙ୍କ ଆଦରର ଝିଅ ଦୀନେଶ୍ୱରୀ ନ ଥିଲା । ଏହିଭଳି ଭାରତର କୋଣେ କୋଣେ କେତେ ସ୍ୱଦେଶ ପ୍ରେମୀ ଦେଶମାଆର ମୁକ୍ତି ପାଇଁ ଅସୀମ ତ୍ୟାଗ ସ୍ୱୀକାର କରିଥିଲେ ।

**ସାମ୍ବାଦିକ ଜୀବନ**

ନୃସିଂହ ଗୁରୁଥିଲେ ଜଣେ ବିଶିଷ୍ଟ ସାମ୍ବାଦିକ । ସମ୍ବାଦ ପ୍ରକାଶ ଜରିଆରେ ଗରିବ ଓ ଦଳିତ ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ପଦାରେ ଜଣାଇ ପ୍ରତିକାର କରିବା ଏକ ପ୍ରକାରର ଜନସେବା । ଜନସେବା ଉଦ୍ଦେଶ୍ୟରେ ସେ ସାମ୍ବାଦିକତା ଆରମ୍ଭ କରିଥିଲେ । ପରେ ତାହା ତାଙ୍କର ବୃତ୍ତିରେ ପରିଣତ ହୋଇଥିଲା ।

ଅଜାଘରେ ରହି ଅତାବିରାରେ ସେ ପ୍ରାଥମିକ ଶିକ୍ଷା ଲାଭ କରିଥିଲେ । ଅଜାଙ୍କ ଘରକୁ 'ଉତ୍କଳ ହିତୈଷିଣୀ' ସମ୍ବାଦପତ୍ର ଆସୁଥିଲା । ଅଜାଙ୍କ ଦେଖାଦେଖି ସେ ମଧ୍ୟ ଏହା ପଢୁଥିଲେ ଓ ଦେଶ ବିଦେଶର ଖବର ଜାଣି ଖୁସି ହେଉଥିଲେ । ଏହାପରେ ସମ୍ବଲପୁରରେ ରହି ମାଇନର ଶିକ୍ଷାଲାଭ କଲେ । ସେ ସମୟରେ କୃତୀ ଶିକ୍ଷକ କୃଷ୍ଣଚନ୍ଦ୍ର ସେନଙ୍କ ଶୁଭଦୃଷ୍ଟି ତାଙ୍କ ଉପରେ ପଡ଼ିଲା । ସେ ତାଙ୍କୁ ସାଧାରଣ



ଜ୍ଞାନ ବଢ଼ାଇବାକୁ ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତାରେ ଭାଗନେବାକୁ ଉତ୍ସାହ ଦେଲେ । ତାଙ୍କ ପାଖକୁ ରାମକୃଷ୍ଣ ମିଶନରୁ ପ୍ରକାଶିତ 'ଉଦ୍‌ବୋଧନ' ପତ୍ରିକା ଆସୁଥିଲା । ନୃସିଂହ ଏହାକୁ ପଢ଼ିଲେ । ଏଥିରେ ବହୁ ଉପଦେଶ ଓ ନୀତିଶିକ୍ଷା ପ୍ରକାଶ ପାଉଥିଲା । ଏହି ପତ୍ରିକା ତାଙ୍କୁ ବେଶ୍ ପ୍ରଭାବିତ କଲା । ସେ ଜିଲ୍ଲାସ୍କୁଲରେ ସେତେବେଳେ ଲୋକମାନ୍ୟ ବାଳଗଙ୍ଗାଧର ତିଳକ ନିର୍ଭୀକ ଭାବରେ 'ସ୍ୱରାଜ' ପତ୍ରିକା ପ୍ରକାଶ କରୁଥିଲେ । ସେଥିପାଇଁ ସମସ୍ତେ ତାଙ୍କର ପ୍ରଶଂସା କରୁଥିଲେ । ବିଶେଷଭାବେ ଏହା ହିଁ ନୃସିଂହଙ୍କୁ ସାମ୍ବାଦିକତା ଜୀବନ ଗ୍ରହଣ କରିବାକୁ ପ୍ରେରଣା ଦେଇଥିଲା ।

ସବୁଠାରୁ ଗାନ୍ଧିଜୀଙ୍କ 'ୟଙ୍ଗ ଇଣ୍ଡିଆ' ତାଙ୍କୁ ଅଧିକ ପ୍ରଭାବିତ କଲା । ୧୯୨୧ ରେ ସ୍କୁଲ ଛାଡ଼ି ସେ ଜାତୀୟ ଆନ୍ଦୋଳନରେ ଯୋଗଦେଲେ । କଂଗ୍ରେସ କର୍ମୀମାନଙ୍କ ସଙ୍ଗରେ ମିଶିଲେ । କଂଗ୍ରେସକର୍ମୀମାନେ 'ୟଙ୍ଗ ଇଣ୍ଡିଆ' ମଗାଇ ପଢୁଥାନ୍ତି । ସେ ମଧ୍ୟ ବିଭିନ୍ନ ନେତାଙ୍କ ପାଖରୁ ଏହାକୁ ଆଣି ପଢ଼ିଲେ । ଏହାକୁ ପଢ଼ିବା ପରେ ସାମ୍ବାଦିକ ଜୀବନ ପାଇଁ ସେ ନିଷ୍ପତ୍ତି ନେଲେ ।

ଅସହଯୋଗ ଆନ୍ଦୋଳନ ସମୟ । ପଣ୍ଡିତ ନୀଳକଣ୍ଠ ସମ୍ବଲପୁରରେ ଜାତୀୟ ବିଦ୍ୟାଳୟ ଚଳାଉ ଥାଆନ୍ତି । ସେ 'ସେବା' ବୋଲି ପତ୍ରିକାଟିଏ ପ୍ରକାଶ କଲେ । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ 'ସମାଜ' ପତ୍ରିକା ଆରମ୍ଭ କଲେ । ଏଥିରେ ମଝିରେ ମଝିରେ ନୃସିଂହ

ଛୋଟ ବଡ଼ ଘଟଣା ଲେଖି ପ୍ରକାଶ କଲେ । ୧୯୨୯ ରେ ଲବଣ ସତ୍ୟାଗ୍ରହ ଆରମ୍ଭ ହେଲା । ସେ ଜନଜାଗରଣ କରାଇଲେ । ସେ ସଂପର୍କରେ ସମ୍ବାଦସବୁ ନିୟମିତ 'ସମାଜ'କୁ ପଠାଇଲେ । ୧୯୩୨ ରେ 'ସମାଜ' ପକ୍ଷରୁ ପ୍ରଥମେ ତାଙ୍କୁ ସାମ୍ବାଦିକ ଭାବେ ସ୍ୱୀକୃତି ମିଳିଲା । ସେତେବେଳେ ପଣ୍ଡିତ ଲିଙ୍ଗରାଜ ମିଶ୍ର ଥିଲେ 'ସମାଜ'ର ସଂପାଦକ ।

୧୯୩୨ ରୁ ୧୯୮୩ ମସିହା । ଏହି ଦୀର୍ଘ ୫୧ ବର୍ଷକାଳ ସେ 'ସମାଜ'ର ସମ୍ବଲପୁର ଜିଲ୍ଲା ପ୍ରତିନିଧି ଥିଲେ । ପାଦରେ ଚାଲି ଚାଲି, କେତେବେଳେ ଖଣ୍ଡିଏ ଭଙ୍ଗା ସାଇକେଲକୁ ଚଳାଇ ସେ ବିଭିନ୍ନ ସ୍ଥାନରୁ ସମ୍ବାଦ ସଂଗ୍ରହ କରୁଥିଲେ । ତାକୁ ଭଲଭାବେ ସତ କି ମିଛ ପରୀକ୍ଷା କରୁଥିଲେ । ଯଦି ଖବରଟି ଠିକ୍ ବୋଲି ଜାଣୁଥିଲେ, ପ୍ରକାଶ ପାଇଁ ସମାଜକୁ ପଠାଉଥିଲେ । ଦୀର୍ଘ ୫୧ ବର୍ଷ ମଧ୍ୟରେ ତାଙ୍କର କୌଣସି ସମ୍ବାଦ ମିଛବୋଲି ପ୍ରତିବାଦ ବାହାରି ନଥିଲା । ସେ ଅତି ସରଳ ଭାଷାରେ ସମ୍ବାଦ ଲେଖି ପଠାଉଥିଲେ । ଅତିଅଳ୍ପ ପଢୁଆ ଲୋକ ମଧ୍ୟ ତାଙ୍କ ସମ୍ବାଦ ସହଜରେ ପଢ଼ି ବୁଝି ପାରିବ । ସାମ୍ବାଦିକତା ବୃତ୍ତିରେ ସେ ଥିଲେ ବହୁ ସାମ୍ବାଦିକଙ୍କର ଗୁରୁ ସ୍ଥାନୀୟ । ନୂଆ ସାମ୍ବାଦିକମାନଙ୍କୁ ସେ ଉଚିତ୍ ପରାମର୍ଶ ଦେଉଥିଲେ । ପ୍ରେରଣା ଯୋଗାଉଥିଲେ । ସବୁଦଳ ସବୁ ଶ୍ରେଣୀର ଲୋକଙ୍କ ପ୍ରତି ତାଙ୍କର ସମାନ ଦୃଷ୍ଟିଥିଲା । ସେ କେବେ ବ୍ୟକ୍ତିଗତ କାରଣରୁ କାହାରିକୁ ନିନ୍ଦା ବା ସମାଲୋଚନା କରି ଖବର ପଠାଉ ନଥିଲେ । ସେ ଥିଲେ ସମ୍ବଲପୁର ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ।



ସାମ୍ବାଦିକ ଜୀବନରେ ସେ ବହୁ ବିଶିଷ୍ଟ ସାମ୍ବାଦିକ ତଥା ଜନସେବକଙ୍କ ସହ ମିଶିଥିଲେ । ସେମାନଙ୍କ ମଧ୍ୟରେ 'ଆଶା'ର ସଂପାଦକ ଶଶୀଭୂଷଣ ରଥ, ପଣ୍ଡିତ ନୀଳକଣ୍ଠ ଦାସ, ସତ୍ୟବାଦୀ ତ୍ରିପାଠୀ, ଏନ୍.ଆର୍.ସ୍ୱାମୀ, ପଣ୍ଡିତ ଲିଙ୍ଗରାଜ ମିଶ୍ର ସ୍ମରଣୀୟ । ସାମ୍ବାଦିକମାନେ ଆଦର୍ଶ ଚରିତ୍ରବାନ ଓ କଠୋର ଅଧ୍ୟବସାୟୀ ହେବା ଉଚିତ ବୋଲି ସେ ପରାମର୍ଶ ଦେଉଥିଲେ ।

ସାମ୍ବାଦିକ ବୃତ୍ତି ସହିତ ସମ୍ବଲପୁର ଜିଲ୍ଲାରେ ସେ 'ସମାଜ'ର ବିତରଣ ଦାୟିତ୍ୱ ମଧ୍ୟ ନେଇଥିଲେ । ପ୍ରତିଦିନ ପାହାନ୍ତା ପହରରେ ବସ୍‌ରୁ 'ସମାଜ'ର ପ୍ୟାକେଟ୍ ସବୁ ଓହ୍ଲାଇବା ଏବଂ ପରେ ଏହାକୁ ବିଭିନ୍ନ ଅଞ୍ଚଳକୁ ଅନ୍ୟ ବସ୍‌ରେ ପଠାଇବା ଖବର ବୁଝୁଥିଲେ । ଦିନେ ଦିନେ କେହି ହକର ଅସୁବିଧାରେ ପଡ଼ି ଆସୁନଥିଲେ । ସେ ନିଜେ ପାଦରେ ଚାଲି ଚାଲି 'ସମାଜ' କାଗଜ ବୁଢ଼ା ବୟସରେ ମଧ୍ୟ ବାଣ୍ଟୁଥିଲେ ।

୧୯୮୩ ମସିହା ଜାନୁଆରୀ ପହିଲା । ନୃସିଂହ ଗୁରୁଙ୍କ ସାମ୍ବାଦିକ-ଜୀବନର ୫୧ ବର୍ଷ ପୂରିଗଲା । ସେହି ଅବସରରେ ତାଙ୍କ ପାଇଁ ଏକ ବିରାଟ ସମ୍ବର୍ଦ୍ଧନା ସଭା କରାଯାଇଥିଲା । ଏଥିରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ସହ ବହୁ ବିଶିଷ୍ଟ ସାମ୍ବାଦିକ, ସମାଜସେବୀ, ଉଚ୍ଚପଦସ୍ଥ ଅଫିସର, ସାଧାରଣ ନାଗରିକ ଓ ଲୋକ ପ୍ରତିନିଧି ଯୋଗ ଦେଇଥିଲେ । ସମସ୍ତେ ନୃସିଂହ ଗୁରୁଙ୍କ ଆଦର୍ଶ - ସାମ୍ବାଦିକତାର ଭୂରି ଭୂରି ପ୍ରଶଂସା କରିଥିଲେ ।

**ଜଣେ ଭଲ ଚାଷୀ**

ନୃସିଂହ ଗୁରୁ ଚାଷୀ ଘରର ପିଲା ଥିଲେ । ବଡ଼ହୋଇ ଜଣେ ଭଲ ଚାଷୀ ମଧ ହୋଇଥିଲେ । ସେ ବୁଝିଥିଲେ, ଚାଷ ହେଉଛି ଭାରତୀୟ ଅର୍ଥନୀତିର ମୂଳପିଣ୍ଡ । ଚାଷର ଉନ୍ନତି ନହେଲେ ଭାରତର





ଲୋକେ ଭଲରେ ମୁଠେ ଖାଇବାକୁ କି ଖଣ୍ଡେ ପିନ୍ଧିବାକୁ ପାଇବେ ନାହିଁ । ଗାନ୍ଧିଜୀଙ୍କ ରାମରାଜ୍ୟ ମଧ ସମ୍ଭବ ହେବ ନାହିଁ ।

ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହର ଲାଲ ମଧ ଚାଷର ଉନ୍ନତି ନିମନ୍ତେ ବୈଜ୍ଞାନିକମାନଙ୍କୁ ଆହ୍ୱାନ ଦେଇଥିଲେ । ବୈଜ୍ଞାନିକମାନେ ଯେଉଁସବୁ ନୂତନ କୌଶଳ ଓ ବାଟ ବାହାର କରୁଥିଲେ, ତାକୁ ପ୍ରଥମେ ଶ୍ରୀଗୁରୁ ନିଜେ ନିଜ ଜମିରେ ପରୀକ୍ଷା କରୁଥିଲେ । ସେଥିରେ ସଫଳ ହେଲେ ଅନ୍ୟ ଚାଷୀ ଭାଇମାନଙ୍କୁ ବୁଝାଉ ଥିଲେ । ନୂଆ କିସମର ବିହନ କି ନୂଆ ପ୍ରକାରର ଚାଷ କରୁ କରୁ ମଝିରେ କିଛି କିଛି ଅସୁବିଧା ଦେଖା ଦିଏ । ସେ କୃଷି ବିଭାଗର ବଡ଼ ବଡ଼ ଅଫିସର ଓ କର୍ମଚାରୀମାନଙ୍କ ସହ ଏ ବିଷୟରେ ପରାମର୍ଶ କରନ୍ତି । ଚାଷୀମାନଙ୍କୁ ବାଟ ଦେଖାନ୍ତି । ଯଦି ସହଜରେ ସମାଧାନର ବାଟ ନମିଳେ, ସେ ସମ୍ବାଦପତ୍ରର ଆଶ୍ରୟ ନିଅନ୍ତି । ଚାଷୀମାନେ ବଡ଼ ବଡ଼ ଅସୁବିଧାରୁ ରକ୍ଷାପାଇ ଯାଆନ୍ତି ।

ଭଲ ଚାଷୀ ଭାବରେ ଅଧିକ ଅମଳକ୍ଷମ ନୂଆ ବିହନ ପ୍ରୟୋଗ ଓ ବଡ଼ ବଡ଼ ଉନ୍ନତ ଧରଣର ପନିପରିବା ଉତ୍ପାଦନ ନିମନ୍ତେ ସେ ଅନେକଥର ପ୍ରଶଂସିତ ହୋଇଥିଲେ ।

**ସମ୍ବଲପୁରର ଗାନ୍ଧି**

୧୯୨୮ ମସିହା ଡ଼ିସେମ୍ବର ୨୧ ତାରିଖ । ଗାନ୍ଧିଜୀ କଲିକତାକୁ ଯାଉଥିଲେ କଂଗ୍ରେସ ଅଧିବେଶନରେ ଯୋଗଦେବାକୁ । ବାଟରେ ଦୁଇଦିନ ପାଇଁ ଓଡ଼ିଶାରେ ଅଟକିଗଲେ । ସମ୍ବଲପୁରରେ କଂଗ୍ରେସର

ବଡ଼ନେତା ଥିଲେ ଚନ୍ଦ୍ରଶେଖର ବେହେରା । କସ୍ତୁରବା, ପୁଅ ଓ କେତେକ ବଡ଼ ବଡ଼ କଂଗ୍ରେସ ନେତା ଗାନ୍ଧିଜୀଙ୍କ ସଙ୍ଗରେ ଥିଲେ । ସମସ୍ତେ ଚନ୍ଦ୍ରଶେଖର ବାବୁଙ୍କ ଅତିଥି ହେଲେ । ଭଲ ଭାବରେ ଅତିଥିମାନଙ୍କ ଖିଆ ପିଆ ଓ ରହିବା ବ୍ୟବସ୍ଥା ବୁଝିବା ପାଇଁ ଯୁବକ ନୃସିଂହଙ୍କୁ ଦାୟିତ୍ୱ ଦିଆଯାଇଥିଲା । ସେଇଠି ସେ ଗାନ୍ଧିଜୀଙ୍କ ଘନିଷ୍ଠ ସଂପର୍କରେ ଆସିଲେ । ଗାନ୍ଧିଜୀଙ୍କୁ ଅତି ପାଖରୁ ଲକ୍ଷ୍ୟକଲେ ଏବଂ ତାଙ୍କର ଅନେକ ଭଲଗୁଣ ଶିଖିଥିଲେ ।

ସେହି ଦିନରୁ ତାଙ୍କର ପୋଷାକ ପତ୍ର ସରଳ ହୋଇଗଲା । ଆଣ୍ଠୁ ପର୍ଯ୍ୟନ୍ତ ଚାରିହାତିଆ ଖଦଡ଼ ଲୁଗା ଓ କାନ୍ଧରେ ଦୁଇ ହାତିଆ ଖଦଡ଼ ଗାମୁଛା ଶେଷ ଜୀବନ ପର୍ଯ୍ୟନ୍ତ ହୋଇଗଲା ତାଙ୍କର ପୋଷାକ । ଏହି ପୋଷାକରେ ସେ କେତେ ବଡ଼ ବଡ଼ ନେତାଙ୍କ ସହ ମିଶିଲେ । ଗୋଟିଏ ବଡ଼ ଖବର କାଗଜର ପ୍ରତିନିଧି ଭାବେ ପୋଷାକ ପତ୍ର ଉନ୍ନତତର ହେବା ଉଚିତ ବୋଲି ସଂପାଦକ କହିଲେ । କିନ୍ତୁ ନୃସିଂହ ଗୁରୁ ବଦଳିଲେ ନାହିଁ । ପୋଷାକ ତାଙ୍କର ସରଳ ହେଲେ ମଧ୍ୟ ନିର୍ଭୀକତା ଓ ନିଜ ମତରେ ଅଟଳ ରହିବାରେ ସେ ଆଦର୍ଶ ସ୍ଥାନୀୟ ଥିଲେ ।

ଗାନ୍ଧିଜୀଙ୍କ ଆଦର୍ଶରେ ସେ ସ୍ୱଦେଶପ୍ରେମୀ ହୋଇଗଲେ । ସ୍ୱଦେଶୀ ଜିନିଷରେ ଚଳି ଶିଖିଲେ । ବିଦେଶୀ ଜିନିଷ ପୂରାପୂରି ଛାଡ଼ିଦେଲେ । ଏପରିକି ସାରା ଜୀବନ ସେ ଚିନି ଖାଉ ନଥିଲେ । ଜୋତା ବ୍ୟବହାର କରି ନଥିଲେ । ଛତା କପଡ଼ା ବିଦେଶରେ ତିଆରି ବୋଲି ତାଳପତ୍ର ପଖିଆରେ ଚାଲି ଯାଉଥିଲେ ।



ତାଙ୍କର ସବୁଠାରୁ ବଡ଼ ଗୁଣ ଥିଲା ସରଳତା, ଅମାୟିକ ବ୍ୟବହାର ଓ ଦୃଢ଼ ମନୋବଳ । ଗରିବ ଲୋକଙ୍କ ପ୍ରତି ତାଙ୍କ ପ୍ରାଣରେ ଅସୀମ ଦରଦ ଥିଲା । ସେ ନିଜକୁ ଓ ନିଜ ପରିବାର ଲୋକଙ୍କୁ କଷ୍ଟ ଦେଇ ମଧ୍ୟ ଗରିବ ଲୋକଙ୍କ କାମରେ ଆଗେଇ ଯାଉଥିଲେ । ସେମାନଙ୍କ ଦୁଃଖ ଦୂର କରିବାକୁ ଯାଇ ଅନେକ ଥର ଗାଳି ଓ ସମାଲୋଚନା ଶୁଣିଥିଲେ । ମାତ୍ର ସେଥିରେ ସେ ବିଚଳିତ ହୋଇ ନଥିଲେ ।

ତାଙ୍କର ଆକୃତି ଓ ପୋଷାକରୁ ଦୂରରୁ ତାଙ୍କୁ ଗାନ୍ଧି ବୋଲି ଲୋକେ ଭ୍ରମରେ ପଡ଼ିଯାଉଥିଲେ । ଗାନ୍ଧିଜୀଙ୍କର ବହୁଗୁଣକୁ ଧାରଣ କରିଥିବାରୁ ତାଙ୍କର ଗୁରୁ ଚନ୍ଦ୍ରଶେଖର ବେହେରା ତାଙ୍କୁ କହୁଥିଲେ - ସେ ଗୋଟା ରଙ୍ଗେ ଗାନ୍ଧି, ଅନ୍ୟମାନେ କହୁଥିଲେ ସମ୍ବଲପୁରର ଗାନ୍ଧି ।''

### ଶେଷ ନିଶ୍ୱାସ

ସେ ଅତ୍ୟନ୍ତ ବନ୍ଧୁପ୍ରେମୀ ଥିଲେ । ୮୩ ବର୍ଷ ବୟସରେ ଜଣେ ବନ୍ଧୁଙ୍କ ଶୁଦ୍ଧି କ୍ରିୟାରେ ଯୋଗଦେବାକୁ ସେ ସାରଙ୍ଗ ଗଡ଼ ଯାଇଥିଲେ । ୧୯୮୪ ମସିହା ଜାନୁଆରୀ ୨ ତାରିଖ । ବନ୍ଧୁଙ୍କ ଘରେ ଅପରାହ୍ନରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କଲେ । ସେଇଦିନ ରାତିପାହାନ୍ତାରେ ଶେଷ ନିଶ୍ୱାସ ତ୍ୟାଗକଲେ ।

ତାଙ୍କର ମୃତଦେହକୁ ୩ ତାରିଖ ସକାଳେ ତାଙ୍କ ସମ୍ବଲପୁର ବାସଭବନକୁ ଅଣାଗଲା । ହଜାର ହଜାର ଲୋକ ତାଙ୍କର ମୋଦିପଡ଼ା ଘରକୁ ଯାଇ ଶେଷ ଦର୍ଶନ କଲେ । ସେମାନଙ୍କ ମଧ୍ୟରେ ସବୁଶ୍ରେଣୀର

ଲୋକଥିଲେ । ସ୍ୱାଧୀନତା ସଂଗ୍ରାମୀ, ଜନସେବୀ, ଉଚ୍ଚ ଅଫିସର, ଛାତ୍ର, ଗରିବ ଚାଷୀ, ଶ୍ରମିକ, ଆଦିବାସୀ ଓ ହରିଜନ ସମସ୍ତେ ତାଙ୍କ ବିୟୋଗରେ ଆଖିରୁ ଲୁହ ଗଡ଼ାଇଥିଲେ ।

ସେ କୌଣସି ପଦପଦବୀରେ ନଥିଲେ । କିନ୍ତୁ ତାଙ୍କର ଶେଷଦର୍ଶନ ନିମନ୍ତେ ଏତେ ଲୋକ ଯାଇଥିଲେ ଯେ, ସେଇଥିରୁ ତାଙ୍କ ପ୍ରତି ସାଧାରଣ ଲୋକଙ୍କର ଅଶେଷ ଶ୍ରଦ୍ଧା ସହଜରେ ଅନୁମାନ କରାଯାଇପାରେ । ତାଙ୍କ ବିୟୋଗରେ ଓଡ଼ିଶା ଜଣେ ବିଶିଷ୍ଟ ଗାନ୍ଧିବାଦୀ ସ୍ୱାଧୀନତା ସଂଗ୍ରାମୀଙ୍କୁ ହରାଇଲା ।

***